## ମୁଣ୍ଡାଗାଁ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍ଘାଟିତ

ବଡ଼ଗାଁ,(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ମୁଣ୍ଡାଗାଁରେ ପଞ୍ଚ ଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ମୁଖ୍ୟ ଅତିଥି, ନାଏବ ସରପଞ୍ଚ କେଶବ କର୍ସେଲ, ଅମ୍ଳାନଜ୍ୟୋତି ନାୟକ, ଜୟନ୍ତ ପ୍ରଧାନ, ସନ୍ତୋଷ ରାଉତ (ମୁନୁ) ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ମ୍ୟାଚ୍ ବରଙ୍ଗାକଛାର ଓ ଏକମା ମଧ୍ୟରେ ହୋଇଥିଲା। ଏଥିରେ ଏକମା ଦଳ ୧ ଗୋଲରେ ବିଜୟୀ ହୋଇଛି। ରମେଶ ମାଝି, ଜଗ ଛତ୍ରିଆ ଖେଳ ପରିଚାଳନା କରୁଛନ୍ତି। ଆସନ୍ତା ୯ ତାରିଖ ଫାଇନାଲ ମ୍ୟାଚ୍ ହେବ। ଚାମ୍ପିୟନ, ରନର୍ସ ଟିମ୍ ସହିତ ତୃତୀୟ ଓ ଚତୁର୍ଥ ସ୍ଥାନ ରଖିଥିବା ଟିମ୍‌କୁ ଖାସି ପୁରସ୍କୃତ କରାଯିବ।

## ସଂକ୍ଷେପରେ

### ନାକଟିଦେଉଳ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

ନାକଟିଦେଉଳ,୫।୯(ଡ଼ି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟର ୩୯ତମ ପ୍ରତିଷ୍ଠା ଦିବସ ରବିବାର ଗୁରୁ ଦିବସ ଅବସରରେ ପାଳିତ ହୋଇଯାଇଛି । ଏଥିରେ ଯୁକ୍ତ ଦୁଇର ଅଧକ୍ଷ କନ୍ଦର୍ପ ରାଉଳ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପକ ଡ଼.ଦୀପେନ କୁମାର ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବରେ ପ୍ରଧାପିକା ଡ଼.ସରଶୀରାଣୀ ନାୟକ ଯୋଗଦେଇ ମହାବିଦ୍ୟାଳୟର ଇତିହାସ ଏବଂ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ରହିଥିବା ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହିତ ଗୁରୁ ଶିଷ୍ୟର ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ତିନିର ଅଧକ୍ଷ ସୁଧୀର କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଥିଲେ।

### ଧରାପଡ଼ିଲେ ମ୍ୟାନେଜର, ପଥରଗାଁଓ ପୋଲିସକୁ ଜିମା

ସମ୍ବଲପୁର,୫।୯(ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁ ଟଙ୍କା ନେଇ ଫେରାର ଥିବା ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏହାସହ ସ୍କର୍ପିଓ ଓ ନଗଦ ୧ ଲକ୍ଷ ୪୬ ହଜାର ଟଙ୍କା ଜବତ ହୋଇଛି । ଗିରଫ ଅଭିଯୁକ୍ତ ରବି ମାଏତ୍ରୀଙ୍କୁ ପଥରଗାଁଓ ପୋଲିସ ଜିମା ଦିଆଯାଇଛି। ମିଳିଥିବା ରିପୋର୍ଟ ଅନୁସାରେ ଛତିଶଗଡ ପଥରଗାଁଓରେ ଅଭିଯୁକ୍ତ ରବି ଜଣେ ବ୍ୟବସାୟୀଙ୍କ ପାଖରେ କାମ କରୁଥିଲେ। ଶନିବାର ବ୍ୟବସାୟୀ ଜଣକ ମ୍ୟାନେଜର ରବିଙ୍କୁ ବ୍ୟାଙ୍କରେ ୯ ଲକ୍ଷ ଟଙ୍କା ଜମା କରିବାକୁ ଦେଇଥିଲେ। ହେଲେ ରବି ବ୍ୟାଙ୍କରେ ଟଙ୍କା ଜମା ନ କରି ଏକ ସ୍କର୍ପିଓ ଭଡା କରି ଓଡିଶା ଆସିଥିଲେ । ବ୍ୟବସାୟୀ ଏହା ଜାଣିବା ପରେ ସ୍ଥାନୀୟ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ରବି ସମ୍ବଲପୁରର ବୁର୍ଲା ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ପରେ ବୁର୍ଲା ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

### ମିସ୍ ଟିନ୍ ଇଣ୍ଡିଆ ଗ୍ଲାମର ପ୍ରତିଯୋଗିତା: ସମ୍ବଲପୁର ଝିଅ ପ୍ରତୀକ୍ଷା ବିଜୟୀ

ସମ୍ବଲପୁର,୫।୯(ବ୍ୟୁରୋ): ମିସ୍ ଟିନ ଇଣ୍ଡିଆ ଗ୍ଲାମର ପ୍ରତିଯୋଗିତା ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଗ ନେଇ ସମ୍ବଲପୁର ସହର ବୁଢାରଜାର ପ୍ରତୀକ୍ଷା ମିଶ୍ର ମୁକୁଟ ବିଜୟିନୀ ହୋଇଛନ୍ତି।



ଫାଇନାଲ ରାଉଣ୍ଡରେ ଦେଶର ବିଭିନ୍ନ ଅଞ୍ଚଳରୁ ମନୋନୀତ ହୋଇଥିବା ୩୦ଜଣଙ୍କୁ ପଛରେ ପକାଇ ଶ୍ରେଷ୍ଠ ପଞ୍ଚମରେ ରହି ମିସ୍ ଇଣ୍ଡିଆ ଫେଶନ ଫିଡା ମୁକୁଟ ହାସଲ କରିଛନ୍ତି । ଏଥିସହ ସେ କଷ୍ଟ୍ୟୁମ ରାଉଣ୍ଡରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ବିଚାରକଙ୍କୁ ବିମୋହିତ କରିଥିଲେ । ଏହି ରାଉଣ୍ଡରେ ମଧ ସେ ଅଲ୍ ଇଣ୍ଡିଆ କଷ୍ଟ୍ୟୁମ ପୁରସ୍କାର ହାସଲ କରି ସମ୍ବଲପୁରୀ ବସ୍ତ୍ରର ପ୍ରସାର କରି ପାରିଛନ୍ତି । ଛୋଟ ସମୟରୁ ପ୍ରତୀକ୍ଷା ମଡେଲିଂରେ ରୁଚି ରଖି ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ଗତ ୩ ତାରିଖରେ ମୁମ୍ବାଇରେ ଫିନାଲେ ହୋଇଥିଲା । ସମ୍ବଲପୁର ପହଞ୍ଚିବା ପରେ ପ୍ରତୀକ୍ଷାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ବ୍ଲକସ୍ତରୀୟ ଗୁରୁଦିବସ ପାଳିତ

କୁଆଁରମୁଣ୍ଡା,୫।୯(ଡି.ଏନ.ଏ): ଶିକ୍ଷକ ସବୁବେଳେ ସଦାଚାରୀ ହେବା ସହ ବିଦ୍ୟାର୍ଥୀଙ୍କ ଭାବନାକୁ ବୁଝି ଶିକ୍ଷାଦାନ କଲେ ତାହା ଫଳପ୍ରଦ ହୋଇପାରିବ ବୋଲି ରବିବାର କୁଆଁରମୁଣ୍ଡାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଗୁରୁ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମତବ୍ୟକ୍ତ କରିଛନ୍ତି। ବିଡ଼ିଓ ବିକାଶ ଚନ୍ଦ୍ର ସାହୁ, ବିଇଓ ସଦାନନ୍ଦ ପଧାନ, ଏବିଇଓ ମୋହନ କୁମାର, କୁଆଁରମୁଣ୍ଡାର ଜମିଦାର ସଂଜୀବ ପ୍ରତାପ ସିଂଦେଓ, ଶଙ୍କର ପୂଝାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୮ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ/ଶିକ୍ଷକ, କୋଭିଡ୍ ସମୟରେ ଦାୟିତ୍ୱର ସହ ସଚେତନତା ସୃଷ୍ଟି କରିଥିବା ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ବିଧାୟକ ଓରାମ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମକୁ କଚାରୁ ସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ର ଓ ନରୋତ୍ତମ ସ୍ୱାଇଁ ପରିଚାଳନା କରିଥିଲେ।

# ଓଡ଼ିଶୀ ଶୈଳୀର ବିକାଶ ଦିଗରେ ଏକାମ୍ର ଥିଲା ପରୀକ୍ଷାଗାର




ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମେ ପୂର୍ବରୁ ଆଲେଖ୍ୟରେ ବିଚାର କରିଥିଲେ ଗୋଟିଏ ଜାତି ପଥର ଶିଳ୍ପକଳାର ଶୀର୍ଷ ସ୍ଥାନରେ ପହଞ୍ଚିବା ଆଗରୁ କେତେ ଯେ ପରୀକ୍ଷା ନିରୀକ୍ଷା ଦେଇ ବିକାଶ ପଥରେ ଆଗେଇଥିବ, କଳ୍ପନା କରିବା ସମ୍ଭବ ନୁହେଁ। ଶିଳ୍ପୀର ସେ ଦୀର୍ଘଯାତ୍ରା ଆଜି ଆମେ ଚର୍ଚ୍ଚା ପରିସରକୁ ଆଣୁଛେ ଏଇଥି ପାଇଁ ଯେ ଯୋଉ ପଣ୍ଡିତମାନେ ଲେଖିଗଲେ ଓଡ଼ିଆ ଶିଳ୍ପୀ ଏପରି ମନ୍ଦିର ଗଢ଼ି ନ ଥିବେ, ଗଢ଼ିବା ସମ୍ଭବ ନୁହେଁ, ସେଇମାନଙ୍କୁ ବିକାଶପଥର ଐତିହ୍ୟର ଏକ ଚିତ୍ର ଦେବା। ନିଜେ ବି ହେଜିବା।

ଦୁର୍ଗାଚରଣ ପଣ୍ଡା ଏକ ନିଚ୍ଛକ ପ୍ରତିଛବି ଶିଳ୍ପୀଙ୍କର ଦୀର୍ଘ ବିକାଶଯାତ୍ରାର ଆଙ୍କିଛନ୍ତି। ସେ ସ୍ପଷ୍ଟ କରିଛନ୍ତି xxx ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଦୀର୍ଘ ୧୫୦୦ ବର୍ଷ ଧାରାବାହିକ ଭାବେ ଏକାମ୍ର କ୍ଷେତ୍ରରେ, ପ୍ରତ୍ୟେକ ଶତାବ୍ଦୀରେ କୌଣସି ନା କୌଣସି ମନ୍ଦିର ନିର୍ମିତ ହୋଇଆସିଛି। xxx ମନ୍ଦିର ନିର୍ମାଣର ଅଙ୍କୁରୋଦ୍‌ଗମଠାରୁ ଚରମ ବିକାଶଧାରାର ଅଧ୍ୟୟନ ନିମନ୍ତେ ମନ୍ଦିରନଗରୀ ଭୁବନେଶ୍ୱର ଏକ ଅପୂର୍ବ ସ୍ଥାନ। (ତତ୍ରୈବ)।

ବାସ୍ତବରେ କେତେ ଯେ ଛୋଟଛୋଟ ମନ୍ଦିର ଗଢ଼ାହୋଇଥିବ, କେତେ ଶାସ୍ତ୍ରୀୟଶୈଳୀ ଆପଣେଇ ନେବାକୁ ପଡ଼ିଥିବ, କେତେ ନୂଆ ଶୈଳୀ, ନୂଆ ମାପ ତା' ମଧ୍ୟରେ ଯୋଗ ହୋଇଥିବ ତା'ର ଇତିହାସ ନ ମିଳିଲେ ମଧ, ଗୋଟିଏ କଥା ମିଳେ ଶାସ୍ତ୍ରୀୟଧାରାରୁ ମୁକ୍ତ ହୋଇ ଆବଶ୍ୟକ ଅନୁଯାୟୀ ଯେତେବେଳେ ବିଚାର ବିମର୍ଶ କରି ଓଡ଼ିଆ ସ୍ଥପତି ନୂତନ ଶୈଳୀ ଖଞ୍ଜିଥିବେ ସେତେବେଳେ ତାକୁ ତାଳପତ୍ର ପୋଥିରେ ଲେଖିଥିବେ। ତାହା ହିଁ ଓଡ଼ିଶାର ନିଜସ୍ୱ ଶିଳ୍ପଶାସ୍ତ୍ର ହୋଇଯାଇଛି। ସେଇ ନୂତନ କୌଶଳ, ନୂତନ ପରିପାଟୀ ହୋଇଯାଇଛି ଓଡ଼ିଶୀ ଶୈଳୀ। କେବେ କଳିଙ୍ଗଶୈଳୀ ରୂପେ ପରିଚିତ ହୋଇଛି ତ କେବେ ଉତ୍କଳ ଶୈଳୀ ରୂପେ। ଏବେ ଆମେ ସାତୋଟିଯାକ ସାମ୍ରାଜ୍ୟର ଶୈଳୀକୁ କହିପାରିବା 'ଓଡ଼ିଶୀ ଶୈଳୀ'।

ମନ୍ଦିରଟି ଆରମ୍ଭ କରିବାଠାରୁ ଦେବତାଙ୍କୁ ପ୍ରତିଷ୍ଠା କରି ଉପାସନା ଆରମ୍ଭ ପର୍ଯ୍ୟନ୍ତ ୮ଟି ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼େ। ବଡ଼ମନ୍ଦିରଟିଏ ଗଢ଼ିବା ପୂର୍ବରୁ ତା'ର ପ୍ରତିକୃତି ଛୋଟ ମନ୍ଦିରଟିଏ ପ୍ରଥମେ ଗଢ଼ା ହୋଇଥିବ। ତାହା ହିଁ ହୋଇଥିଲା କୋଣାର୍କଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ହେବା ପୂର୍ବରୁ। ଚାରି ସ୍ଥାନରେ ରହୁଥିଲେ ଶିଳ୍ପୀ। ରହୁଥିବା ସ୍ଥାନରେ ମୁଖ୍ୟମନ୍ଦିରର ବିଭିନ୍ନ ଦୃଷ୍ଟିକୋଣକୁ ବିଚାର କରି ପ୍ରତିକୃତି ମନ୍ଦିର ଗଢ଼ାଯାଇଥିଲା। ଚଉରାଶି ଗ୍ରାମରେ କୋଣାଦିତ୍ୟଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ଦେଢ଼ଶହ ବର୍ଷ ପୂର୍ବରୁ ବାରାହୀ ଦେବୀଙ୍କ ମନ୍ଦିର ନିର୍ମାଣ ହୋଇସାରିଥିଲା। ଏଠାରେ ୩୦୦


ଗଡ଼ରୂପାସର ଉପାସ୍ୟା ଦେବୀ ବଡ଼ତାରା।

ମହାରଣା ରହିଥିଲେ। ତେଣୁ ଏହି ମନ୍ଦିର ବଢ଼େଇ ମନ୍ଦିର ଭାବରେ ମଧ ପ୍ରସିଦ୍ଧ ହୋଇଯାଇଥିଲା। ଦୁଇଟି ମନ୍ଦିର ଦେଖିହେଉଛି। ଆଉ ଦୁଇଟି ଅଧାଭଙ୍ଗା ହୋଇ ଧ୍ୱଂସପଥରେ ଆଗେଇ ଚାଲିଛି। 'ଗୋପ' ନିକଟରେ ରହିଛି କିଲ୍ଲା ବୟାଳିଶ ବାଟି। ସେଇ ମନ୍ଦିରର ମଧ ମୁଣ୍ଡି ମରାଯାଇଥିଲା କି ନା ଜଣା ପଡୁନାହିଁ। ଦଧିନଉତି ଉପରକୁ ନାହିଁ। ଏହି ମନ୍ଦିରର ନିର୍ମାଣ ପାଇଁ ଗଙ୍ଗା ମହାପାତ୍ରଙ୍କ ଆଦେଶରେ ପଥରସବୁ ୧୨ଟି ଶଗଡ଼ରେ ବୈୟାଳିଶ ବାଟିକୁ ପ୍ରଥମେ ଆସିଥିଲା। ଭିତ୍ତିଭୂମି ସ୍ଥିର କରି ମାପଚୁପ କରିଥିଲେ ସୂତ୍ରଧର (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କ ପୁତ୍ର ଧର୍ମ ମହାପାତ୍ର। ସେଇ ଧର୍ମପଦ ଇୟେ; ଯାହାଙ୍କୁ ନେଇ ଅସରନ୍ତି କିମ୍ବଦନ୍ତୀ, ଶେଷହୀନ ଜନଶ୍ରୁତି। ସେ ହାତୀରେ ବସି କୋଣାଦିତ୍ୟରୁ ଆସିଥିଲେ କିଲ୍ଲା ବୟାଳିଶ ବାଟିକୁ। ପୋଥିର ୪୯ ପତ୍ର କଥା ଇୟେ। କିନ୍ତୁ ଆମେ ତାଙ୍କୁ ଜନଶ୍ରୁତିରେ ମାରିଦେଇଛେ।

ମାପଚୁପ ଦେବାପରେ କିଲ୍ଲା ବୟାଳିଶ ବାଟି ଆସ୍ଥାନରେ ତିନିଶହ ବିଶ୍ୱକର୍ମା ଗଢ଼ିଥିଲେ ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଥିଲେ ଶକ୍ତି ପ୍ରଦାୟିନୀ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପୂର୍ବରୁ ଗଢ଼ାସରିଥିଲା ଏଇ ମନ୍ଦିର। ଏଇ କିଲ୍ଲାର ଭ୍ରମରବର ହରିଚନ୍ଦନଙ୍କୁ ଆମେ ସ୍ମରଣ କରିବା; ଯାହାଙ୍କୁ ଗଜପତି ଦେଇଥିଲେ ମନ୍ଦିରର ହିସାବ–ନିକାଶ ଦାୟିତ୍ୱ। ଠିକ୍ ସେହିପରି 'ଚଉରାଶି'ରେ ତିନିଶହ ବିଶ୍ୱକର୍ମା ରହିବା ପୂର୍ବରୁ ଗଢ଼ିଉଠିଥିଲା ମା' ବାରାହୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଯଜ୍ଞରେ ପ୍ରତିଷ୍ଠା ପାଇଲାପରି ମା' ବାରାହୀ ମଧ ଯଜ୍ଞରେ ପ୍ରତିଷ୍ଠା ହୋଇଥିଲେ। ତାଙ୍କୁ କୁହାଯାଏ ଯଜ୍ଞବାରାହୀ। ଯଜ୍ଞ ହୋଇ ପବିତ୍ର ହୋଇଥିଲା ଗୋଲରାଗଡ଼। ସେଇଠି ରହୁଥିଲେ ତିନିଶହ ବିଶ୍ୱକର୍ମା। ଯଜ୍ଞ ଅନୁଷ୍ଠାନରେ ସେମାନେ ଯେଉଁ ଶକ୍ତିମୟୀଙ୍କୁ ପ୍ରତିଷ୍ଠା କରିଥିଲେ ସେ ଥିଲେ ଯଜ୍ଞବରୁଣେଇ। ଲିଭି ଲିଭି ଆସୁଛି ସେ ଐତିହ୍ୟ। ତିନିଶହ ବିଶ୍ୱକର୍ମା ଗଡ଼ରୂପାସରେ ରହୁଥିଲେ। ତାଙ୍କର ଉପାସ୍ୟ ଥିଲେ 'ବଡ଼ତାରା'। ବଡ଼ତାରାଙ୍କଠାରୁ ଗଡ଼ଦେବୀ ମା' କନକଦୁର୍ଗାଙ୍କୁ ମୁଣ୍ଡିଆ ମାରି ହତିଆର ଧରି ସେମାନେ ବାହାରି ଯାଉଥିଲେ 'ବଢ଼େଇଗୋହିରି' ଦେଇ ପଦ୍ମତୋଳା ଗଣ୍ଡ ନିକଟକୁ। ଏହି ଗଡ଼ର ଦଳବେହେରା ଆମ ଜାତିର ନମସ୍ୟ ପୁରୁଷ। ସେହି 'ବିଶ୍ୱାସପୁରୁଷ'ଙ୍କ ଉପରେ ଥିଲା ନିର୍ମାଣ ପରିଚାଳନା ଦାୟିତ୍ୱ। ଚାରି ଆସ୍ଥାନରୁ ଆସିଲେ ବି ଶେଷରେ ମା' ଭଗବତୀଙ୍କ ଆଶ୍ରିତ ହୋଇ କାମ ଆରମ୍ଭ କରୁଥିଲେ।

## ଜିଲାକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବିକଲେ ପୂର୍ବତନ ମୁଖ୍ୟମନ୍ତ୍ରୀ

ଦେବଗଡ଼,୫।୯(ଡି.ଏନ.ଏ)

ଦେବଗଡ ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ମରୁଡି ପ୍ରପୀଡିତ ତିଲେଇବଣୀ ବ୍ଲକର ଢୋଲପଡା ପଞ୍ଚାୟତର ବିଭିନ୍ନ ଗ୍ରାମ ସମେତ କଂସର ପଞ୍ଚାୟତର ପାଲୁଣିପଡା ଓ ତେରେଣ୍ଡାକଟା ଗ୍ରାମକୁ ଯାଇ ମରୁଡି ପରିସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ରବିବାର ଦେବଗଡ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ଉପସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିନୋଦ ବିହାରୀ ନାୟକ, ନଗର କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଏସ୍.ସି.ସେଲ ସଭାପତି କ୍ଷେତ୍ର କୁମାର ପାତ୍ର, କୋଷାଧ୍ୟକ୍ଷ ସୁଶୀଳ କୁମାର ନାୟକ, ପୂର୍ବତନ ନଗର ସଭାପତି ସୁବାସ ଚନ୍ଦ୍ର ଭୋଇ, ପ୍ରକାଶ ବିଶ୍ୱାଳ, ଦୀପକ କୁମାର ଦାସ, ଦୀପକ କୁମାର ବେହେରା ଓ ରଂଜନ କୁମାର ଦେହୁରୀଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପରୋକ୍ତ


ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ କଂଗ୍ରେସ ପ୍ରତିନିଧି ଦଳ ସହ ଡ୍ୟାମ ପରିଦର୍ଶନ କରୁଛନ୍ତି।

ଗ୍ରାମରେ ବର୍ଷା ଅଭାବରୁ ଫାଟି ପଡିଥିବା ଚାଷଜମି ଓ ଶୁଖି ଯାଇଥିବା ପଦ୍ମାସବୁ ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳ ରିଆମାଳ ବ୍ଲକ ଓ ତିଲେଇବଣି ବ୍ଲକର ଏକାଧିକ ଗ୍ରାମ ପରିଦର୍ଶନ କରିବା ପରେ ଉକ୍ତ କଂଗ୍ରେସ ପ୍ରତିନିଧି ଦଳ ସହିତ ଶୁଷ୍କ ହୋଇପଡିଥିବା ଗୋହିରା ଡ୍ୟାମ ପରିଦର୍ଶନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱାଳ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଇ ବର୍ଷାଭାବ ଯୋଗୁ ଦେବଗଡ ଜିଲାରେ ଭୟାବହ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି କହିଥିଲେ। ଜିଲାକୁ ମରୁଡ଼ି ଅଞ୍ଚଳ ଘୋଷଣା କରିବାକୁ ଦାବି କରିଥିଲେ। ରାଜ୍ୟସରକାର ଜଳସେଚନର ବ୍ୟବସ୍ଥା ନ କରି ହାତବାନ୍ଧି ବସିଥିବା ଏବଂ କେନ୍ଦ୍ର ସରକାର ଆବଶ୍ୟକ ପରିମାଣର ରାସାୟନିକ ସାର ଯୋଗାଇ ଦେଇ ନ ଥିବା ଅଭିଯୋଗ କରି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କଠୋର ସମାଲୋଚନା କରିଥିଲେ ।

## ସହରର ବିଭିନ୍ନ ସମସ୍ୟାକୁ ନେଇ ସାଧାରଣ ସଭା

ରାଜଗାଙ୍ଗପୁର, ୫।୯(ଡି.ଏନ.ଏ)

ରାଜଗାଙ୍ଗପୁର ସେବା ଦଳ ସହରର ପ୍ରମୁଖ ସମସ୍ୟାର ସମାଧାନ କରିବା ପାଇଁ ଅଣ୍ଟାଭିଡିଛି। ଏହି ପରିପ୍ରେକ୍ଷୀରେ ରବିବାର ରାଜଗାଙ୍ଗପୁରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜଗାଙ୍ଗପୁର ସେବା ଦଳର ସଭାପତି ଅମରେଶ ପଣ୍ଡା ନିଜ ବକ୍ତବ୍ୟରେ ରାଜଗାଙ୍ଗପୁରକୁ ଏକ ସବଡିଭିଜନ ମାନ୍ୟତା କରିବା, ରାଜଗାଙ୍ଗପୁର ରେଳ ଷ୍ଟେସନ ଆଧୁନିକ କରଣ କରିବା, ମେଗାଜଳପ୍ରକଳ୍ପକୁ ଶିଘ୍ର ସମାପନ କରି ଲୋକହିତରେ ଆଣିବା, ଓଭରବ୍ରିଜ ନିର୍ମାଣ ଇତ୍ୟାଦି ସମସ୍ୟାକୁ କିପରି ଭାବରେ ଶିଘ୍ର ସମାଧାନ ହୋଇପାରିବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେବା ଦଳର ଉପ ସଭାପତି ଜୟନ୍ତ ମହାନ୍ତି, ଦିଲ୍ଲୀପ ମିଶ୍ର, ଇଫ୍ତେକାର ଅହମ୍ମଦ, ଅମିୟ ଦାସ, ପୁଷ୍ପଲତା ରବାନି, ଆମରୁସ ବାଖଲା ପ୍ରଭୃତି ମଞ୍ଚାସିନ ରହିଥିଲେ। ସମ୍ପାଦନ କୁନ୍ଦନ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସମାବେଶ

ଦେବଗଡ଼, ୫।୯(ଡି.ଏନ୍.ଏ.)

ସ୍ଥାନୀୟ ଶ୍ରୀ ଚମ୍ପକେଶ୍ୱର ମନ୍ଦିର ପରିସରରେ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ସ୍ଥାୟୀ ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦେବଗଡ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ୫୦ ଜଣରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ଉପସ୍ଥିତ ରହି ପରିଷଦକୁ ଆଗାମୀ ଦିନରେ କିଭଳି ଅଧିକ ସୁଦୃଢ କରାଯାଇପାରିବ ସେ ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ଏହି ବୈଠକରେ ପ୍ରଭାରୀ ରାଧେଶ୍ୟାମ ପଣ୍ଡା ଓ ଉପସଭାପତି ରାଜେନ୍ଦ୍ର ଅଗ୍ରୱାଲା ପ୍ରମୁଖ ଯୋଗଦେଇ ଦେବଗଡ ସଂକୀର୍ତ୍ତନ ପରିଷଦ ଗଠନ ଉପରେ ଗୁରୁତ୍ୱାରୋପ କରିବା ସହ ଏହି ଅବସରରେ ଦେବଗଡ ସଂକୀର୍ତ୍ତନ ପରିଷଦର ଅଧକ୍ଷ ଭାବେ ସୁଜିତ କୁମାର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ସଭାପତି ଭାବେ ନବୀନ ଚନ୍ଦ୍ର ପ୍ରଧାନ, ଜିଲା ସଂଯୋଜକ ଭାବେ ରୋହିତ କୁମାର ପ୍ରଧାନ, ବାରକୋଟ ବ୍ଲକ ସଭାପତି ଭାବେ ମଦନ ମୋହନ ପ୍ରଧାନ, ସଂଯୋଜକ ଭାବେ ଚିତ୍ତରଞ୍ଜନ ସାହୁ, ତିଲେଇବଣୀ ବ୍ଲକ ସଭାପତି ଭାବେ ଗୋପବନ୍ଧୁ ପ୍ରଧାନ, ସଂଯୋଜକ ଭାବେ କାହ୍ନୁଚରଣ ପ୍ରଧାନ, ରିଆମାଳ ବ୍ଲକ ସଭାପତି ଭାବେ ପ୍ରଶାନ୍ତ କୁମାର ନାୟକ ଓ ସଂଯୋଜକ ଭାବେ ମନୋଜ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା ।

## ଦୁଇ ଦିନ ପରେ ଶାନ୍ତ ପଡ଼ିଲା ଓୟୁଏଟି

ସମ୍ବଲପୁର,୫।୯(ବ୍ୟୁରୋ)

ସମ୍ବଲପୁର ଚିପିଲିମାସ୍ଥିତ ଓୟୁଏଟିରେ ଦୁଇ ଦିନ ଧରି ଲାଗି ରହିଥିବା ଅଶାନ୍ତ ପରିସ୍ଥିତି ଶାନ୍ତ ପଡିଛି। ଶନିବାର ବିଳମ୍ବିତ ରାତିରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ପୋଲିସଙ୍କ ଉପସ୍ଥିତିରେ ଡିନ୍ ଆର.କେ. ପଟ୍ଟନାୟକ ନିଜର ଭୁଲ ସ୍ୱୀକାର କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଛାତ୍ରମାନଙ୍କ ଅଭିଯୋଗ କ୍ରମେ ଶୁକ୍ରବାର ସନ୍ଧ୍ୟା ୫ଟା ସମୟରେ କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ରମାନେ ଥିଲେ। ଡିନ୍ ପଟ୍ଟନାୟକ ଏହି ସମୟରେ ଆସି ଛାତ୍ରମାନଙ୍କୁ ମାରପିଟ କରିଥିଲେ। ଛାତ୍ରୀମାନଙ୍କୁ ମଧ ଆଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ବିରୋଧ କରିବାରୁ ଏକାଠି ମେଳି କରି ର୍ୟାଗିଂ କରୁଛ ବୋଲି ମିଛ ଆରୋପ ଲଗାଇଥିଲେ। ଏହି ଘଟଣାରେ ଡିନ୍‌ଙ୍କ ବିରୋଧରେ ଶନିବାର ଅପରାହ୍ନରେ ମୁଖ୍ୟ ପ୍ରଶାସନିକ କୋଠା ସମ୍ମୁଖରେ ଛାତ୍ରୀଛାତ୍ରମାନେ ଏକାଠି ହୋଇଥିଲେ। ତାଙ୍କ ବ୍ୟବହାରକୁ ନେଇ ବିରୋଧ କରିବା ସହ ନ୍ୟାୟ ଦିଆଯାଉ ବୋଲି ଦାବି କରିଥିଲେ। ପରେ କର୍ତ୍ତୃପକ୍ଷ ଓ ପୋଲିସ ପହଞ୍ଚି ଆଲୋଚନା କରିଥିଲେ। ହେଲେ ଛାତ୍ରୀଛାତ୍ରମାନେ ଡିନ୍ ଭୁଲ ସ୍ୱୀକାର କରି ଲିଖିତ ଭାବେ ଦେବା ପରେ ଆନ୍ଦୋଳନରୁ ଓହରିବେ ବୋଲି ଜିଦ୍ ଧରିଥିଲେ। ରାତି ପ୍ରାୟ ସାଢେ ୯ଟା ସମୟରେ ଆନ୍ଦୋଳନସ୍ଥଳକୁ ଯାଇ ଡିନ୍ ଭୁଲ ମାନିଥିଲେ। ବୁର୍ଲା ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି ଯେ,ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଜଣେ ଅଭିଭାବକ ର୍ୟାଗିଂ ହେଉଥିବା ନେଇ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇ ତୃତୀୟ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ଗାଳିଗୁଲଜ କରିଥିଲେ। ତେବେ ର୍ୟାଗିଂ ଘଟଣାକୁ ଛାତ୍ରୀଛାତ୍ର ମିଛ ବୋଲି କହିଥିଲେ।


ସମ୍ବଲପୁର ଓୟୁଏଟିରେ ଛାତ୍ରୀଛାତ୍ରମାନେ।

## ଫୁଟବଲ ପ୍ରତିଯୋଗିତା: ବସାଲଇ ଚାମ୍ପିୟନ

ଦେବଗଡ଼,୫।୯(ଡି.ଏନ୍.ଏ.)

ବାରକୋଟ ବ୍ଲକ ବସାଲଇ ଖେଳ ପଡିଆଠାରେ ସ୍ଥାନୀୟ ପଞ୍ଚାୟତ ଆଥେଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ନକଆଉଟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ପୁରୁକୁଣ୍ଡା ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୩/୩ ଗୋଲରେ ପରାସ୍ତ କରି ବସାଲଇ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ପୁରୁଷୋତ୍ତମ ସ୍ୱାଇଁ, ବିଜୟ କୁମାର ପ୍ରଧାନ ଓ ଡବ୍ଲ୍ୟୁକୁମାତୃର ନାୟକ ପରିଚାଳନା କରିଥିଲେ । ଅପରାହ୍ନରେ ବସାଲଇ ପଂଚାୟତ ଆଥେଲେଟିକ ଅସୋସିଏଶନର ସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦୟାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ତୁଳସୀ କଷ୍ଟ୍ରକ୍ସନର ମୁଖ୍ୟ ପ୍ରଶନ୍ନ କୁମାର ବେହେରା, ବସାଲଇ ସରପଞ୍ଚ ଦିଲ୍ଲୀପ କୁମାର ପଟ୍ଟନାୟକ ଓ ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ, ଜଗଦିଶ ସାମଲ, ପୌଲସ୍ତି ସାମଲ, ଧନଞ୍ଜୟ ସାମଲ, ସୁଦର୍ଶନ ନାୟକ, କ୍ଷୀରସିନ୍ଧୁ ବେହେରା ଓ ମୁରଲୀଧର ସାମଲ ପ୍ରମୁଖ ମଞ୍ଚାସୀନ ରହି ଚାମ୍ପିୟନ ବସାଲଇ ଓ ରନର୍ସ ଅପ୍ ପୁରୁକୁଣ୍ଡା ଫୁଟବଲ ଦଳକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ବସାଲଇ ପଞ୍ଚାୟତ ଆଥେଲେଟିକ ଆସୋସିଏଶନର ସମ୍ପାଦକ ମିତ୍ରଭାନୁ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅସୋସିଏସନର କୋଷାଧ୍ୟକ୍ଷ ବିଜୟ କୁମାର ସାମଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସହଯୋଗ କରିଥିଲେ।



## କବି ବିନୋଦ ଚନ୍ଦ୍ର ନାଏକଙ୍କ ଜୟନ୍ତୀ ସମାରୋହ

ସୁନ୍ଦରଗଡ଼,୫।୯(ଡି.ଏନ୍.ଏ)



କବି ବିନୋଦ ନାଏକଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅରଣ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ସମାରୋହ ଆୟୋଜିତ
- କବି ବିନୋଦଙ୍କ ସାହିତ୍ୟ କୃତି ଗ୍ରାମପଥରୁ ବିଶ୍ୱପଥକୁ ପ୍ରସାରିତ ହୋଇଛି

କବି ବିନୋଦ ନାଏକଙ୍କ ପ୍ରଲମ୍ବିତ କାବ୍ୟାଦର୍ଶରେ ପ୍ରକୃତିର ସୌନ୍ଦର୍ଯ୍ୟ, ଜୀବନର ପ୍ରତ୍ୟେକ ବିଭବର ଜୟଗାନ, ଜୀବନର ଅନ୍ୱେଷଣ, ସୁଦୂରପ୍ରସାରୀ କଳ୍ପନା, ମାଟିମନସ୍କ ସୃଜନଧାରା ତାଙ୍କୁ ଏକ ସ୍ୱତନ୍ତ୍ର ସାହିତ୍ୟିକ ଭାବେ ଗଢିତୋଳିଛି ବୋଲି ରବିବାର ତାଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବିକାଶ ଭବନଠାରେ ଓଡିଶା ସାହିତ୍ୟ ଏକାଡେମୀ ଓ ସୁନ୍ଦରଗଡର ସାହିତ୍ୟ ଅନୁଷ୍ଠାନ ଅରଣ୍ୟର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା ମୁଖ୍ୟ ଅତିଥି ଓ ସୁନ୍ଦରଗଡ ଲେଖକ ସାମ୍ମୁଖ୍ୟର ସଭାପତି ତଥା ବର୍ଷିୟାନ ସାହିତ୍ୟିକ ଭୂପେନ ମହାପାତ୍ର ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏଥିସହ କବି ବିନୋଦ ନାଏକଙ୍କ ପ୍ରତିମୂର୍ତ୍ତି ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମାରୋହର ପ୍ରଥମ ଅଧିବେଶନର ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସୁନ୍ଦରଗଡ ଜିଲା ସଦସ୍ୟା ଅଧ୍ୟାପିକା ଡ. ସୁପ୍ରିୟା ପାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଝାରସୁଗୁଡା ଜିଲା ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଶିବପ୍ରିୟା ମିଶ୍ର ଯୋଗଦେଇଥିଲେ। ଅରଣ୍ୟର ସଭାପତି ଗାଳ୍ପିକ ରାଜକିଶୋର ଷଡଙ୍ଗୀ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କବିଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ରହିଥିବା ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋଚନା କରି ଖୁବଶୀଘ୍ର ବିନୋଦ ନାଏକଙ୍କ ପ୍ରତିମୂର୍ତ୍ତି ସୁନ୍ଦରଗଡରେ ସ୍ଥାପନ କରାଯିବ ବୋଲି କହିଥିଲେ। ସମାରୋହର ଦ୍ୱିତୀୟ ଅଧିବେଶନରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ରାଜୀବ ପାଣିଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିଙ୍କ ସାରସ୍ୱତ ଜୀବନର ପ୍ରାଚୁର୍ଯ୍ୟ, ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ କବି ବିନୋଦଙ୍କ କାବ୍ୟିକ ସ୍ୱାତନ୍ତ୍ର ଏବଂ ଅଧ୍ୟାପକ ଡ.ଭଗବାନ ପଟେଲ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବି ବିନୋଦ ନାଏକଙ୍କ ଜୀବନ ଓ ସୃଜନ ସମ୍ପର୍କରେ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ ଡ. କୃପାସିନ୍ଧୁ ନାଏକଙ୍କ ପୌରହିତ୍ୟରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଗୀତିକବି ଗୋପକୃଷ୍ଣ ନାୟକ, ଅଧ୍ୟାପିକା ମିନତୀ ମିଶ୍ର, କବୟିତ୍ରୀ ଅଙ୍ଗୁରବାଳା ପରିଡା, ଅଧ୍ୟାପକ ଗଣେଶ ତ୍ରିପାଠୀଙ୍କ ସଂଯୋଜନାରେ ସୁନ୍ଦରଗଡ ରାଉରକେଲା, ଝାରସୁଗୁଡା ଅଞ୍ଚଳର ବହୁ କବି ଓ କବୟିତ୍ରୀ କବିତାପାଠ କରିଥିଲେ। ଏହି ସାରସ୍ୱତ ସମାରୋହରେ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ କବି ବିନୋଦଙ୍କ ସ୍ମୃତି ବିଶେଷାଙ୍କ କୋଣାର୍କ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୬ ସେପ୍ଟେମ୍ବର, ୨୦୨୧

## ଖଡିଆଳ ବସଷ୍ଟାଣ୍ଡ ରାସ୍ତା ନିର୍ମାଣ ଆରମ୍ଭ

ଖଡିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବସଷ୍ଟାଣ୍ଡ ଯିବା ରାସ୍ତା ଅତି ଶୋଚନୀୟ ହୋଇପଡିଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ଦୃଷ୍ଟି ଦେଇ ବର୍ତ୍ତମାନ ରାସ୍ତା ନିର୍ମାଣ କାମ ଆରମ୍ଭ କରାଯାଇଛି। ହେଲେ ଖଡିଆଳ ବସଷ୍ଟାଣ୍ଡ ସାମନା ଦେଇ ଯାଇଥିବା ରାସ୍ତାର ଓସାର ୪୦ ଫୁଟରୁ ଅଧିକା ଥିବା ବେଳେ ନିର୍ମାଣ କାର୍ଯ୍ୟ ମାତ୍ର ୨୦ ଫୁଟରେ ସୀମିତ ରହୁଛି। ଏ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଆହାର କେନ୍ଦ୍ର, ବସଷ୍ଟାଣ୍ଡ, ପବ୍ଲିକ ସ୍କୁଲ, ପୋଲିସ ପଡା ଓ ଖଡିଆଳ ସବଟ୍ରେଜରୀ କାର୍ଯ୍ୟାଳୟକୁ ସିଧା ସଳଖ ସଂଯୋଗ କରୁଛି।



## ସଂକ୍ଷେପରେ

### ଅପହରଣ, ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଭବାନୀପାଟଣା,୫।୯(ଡି.ଏନ.ଏ.): ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଅପହରଣ ଓ ବଳାତ୍କାର କରି ଫେରାର ଅଭିଯୁକ୍ତଙ୍କୁ ୪ ମାସ ପରେ ସଦର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଫଟକାମାଲ-ଲଟକାବାହାଲି ଗାଁର ବିଶ୍ୱନାଥ ବାରିକ। ବିଶ୍ୱନାଥ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରି ବିବାହ ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ଜବରଦସ୍ତ ଘରକୁ ନେଇ ବିନା ଅନୁମତିରେ ଶାରୀରିକ ସମ୍ପର୍କ ରଖି ଫେରାର୍ ହୋଇଯାଇଥିଲେ। ପୀଡିତାଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ସଦର ଥାନା ପାଲିସ ଟିମ୍ ବଲାଙ୍ଗୀର ଏବଂ ନୂଆପଡା ଜିଲାର ବିଭିନ୍ନ ଅଞ୍ଚଳ ଯାଇ ତଦନ୍ତ କରୁଥିଲା। କଣ୍ଟାବାଞ୍ଜି ନିକଟରେ ଏକ ବସ୍‌ରେ ଯାଉଥିବା ବେଳେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ୧୦ ଶିଶୁ ହୃଦ୍‌ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଗଲା

ଭବାନୀପାଟଣା,୫।୯(ଡି.ଏନ.ଏ.): ଜିଲା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧମରେ କଳାହାଣ୍ଡି ଜିଲାର ୧୦ଜଣ ଶିଶୁ ହୃଦ୍‌ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଜିଲା ଆର୍‌ବିଏସ୍‌କେ ପରିଚାଳକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଏହି ବ୍ୟବସ୍ଥା ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରତାପ କୁମାର ବେହେରା ଓ ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର ସମସ୍ତଙ୍କ ଆରୋଗ୍ୟ କାମନା କରିଛନ୍ତି। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକସ୍ତରରେ କାର୍ଯ୍ୟ କରୁଥିବା ଭ୍ରାମ୍ୟମାଣ ମେଡିକାଲ ଟିମ୍ ଦ୍ୱାରା ଅଙ୍ଗନୱାଡି ଓ ବିଦ୍ୟାଳୟସ୍ତରରେ ଜନ୍ମରୁ ୧୮ ବର୍ଷ ପିଲାଙ୍କ ମଧ୍ୟରେ ରୋଗ ଚିହ୍ନଟ କରି ସେମାନଙ୍କୁ ଜିଲା ଡିଇଆଇସି କେନ୍ଦ୍ରକୁ ଆଣାଯାଉଛି। ସେଠାରେ ବିଶେଷଜ୍ଞମାନଙ୍କ ଦ୍ୱାରା ରୋଗ ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା କରାଯିବା ପରେ ଆବଶ୍ୟକସ୍ଥଳେ ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରକୁ ସେମାନଙ୍କୁ ପଠାଯାଇ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଶିଶୁ ଏବଂ ଅଭିଭାବକମାନଙ୍କ ଯାତାୟତ ଖର୍ଚ୍ଚ ଏବଂ ପିଲାମାନଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ଜିଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯିବ। ପୂର୍ବରୁ ମଧ ଏହି କାର୍ଯ୍ୟକ୍ରମ ଜରିଆରେ ୧୫୨ଜଣ ଶିଶୁ ହୃଦ୍‌ରୋଗୀଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯାଇଛି।

### ଚଢାଦରରେ ୟୁରିଆ ସାର ବିକ୍ରି ଅଭିଯୋଗ

ନୂଆପଡା ଅଫିସ/ଖରିଆର ରୋଡ,୫।୯(ଡି.ଏନ.ଏ.): ନୂଆପଡା ଜିଲାରେ ରାସାୟନିକ ସାରର ଘୋର ଅଭାବ ଦେଖାଦେଇଛି। ଏହାକୁ ନେଇ ବିଭିନ୍ନ ଅନୁଷ୍ଠାନ ଓ ଦଳୀୟ ନେତାମାନେ ଆନ୍ଦୋଳନ କରୁଥିବା ବେଳେ ଜିଲାକୁ ଯୋଗାଣ ହେଉଥିବା ସାର କଳାବଜାରୀ ହେଉଥିବା ଅଭିଯୋଗ ହେଉଛି। ଖରିଆର ରୋଡସ୍ଥିତ ଜଣେ ଡିଲର ସରକାରୀ ନିର୍ଦ୍ଧାରିତ ମୂଲ୍ୟଠାରୁ ଚଢା ଦରରେ ସାର ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ୟୁରିଆ ସାରର ସରକାରୀ ମୂଲ୍ୟ ୨୬୭ ଟଙ୍କା ଥିବା ବେଳେ ୨୮୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଚାଷୀଙ୍କୁ ବିଲ ମଧ୍ୟ ଦିଆଯାଉ ନାହିଁ। ସାରର ଚାହିଦା ଅଧିକ ରହିଥିବା ଦେଖି ବ୍ୟବସାୟୀମାନେ ଚଢା ଦରରେ ବିକ୍ରି କରୁଛନ୍ତି। ପ୍ରଶାସନିକ ଅଧିକାରୀ ଚୂପ ରହୁଥିବାରୁ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ଏ ସଂକ୍ରାନ୍ତରେ ନୂଆପଡା କୃଷି ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନାହିଁ।

### ବୁଲିଲା ପୁଷ୍ଟି ଶସ୍ୟ ସଚେତନତା ରଥ

ଖପ୍ରାଖୋଲ,୫।୯(ଡି.ଏନ.ଏ): ଖପ୍ରାଖୋଲ ବ୍ଲକରେ ପୁଷ୍ଟିଶସ୍ୟ ସଚେତନତା ରଥ ବୁଲିବା ଆରମ୍ଭ କରିଛି। ଲୋକଙ୍କୁ କୋଦୁଅ, ଗୁରୁଜି, ମାଣ୍ଡିଆ ଭଳି କ୍ଷୁଦ୍ରଶସ୍ୟରେ ଥିବା ପୁଷ୍ଟିକର ପୋଷଣ ଉପରେ ରଥ ସଚେତନ କରିଥିଲା। କମ ପାଣିରେ ଏହି କ୍ଷୁଦ୍ର ଶସ୍ୟଗୁଡିକ ଚାଷ ହୋଇ ପାରେ। ଏଥିସହ କମ ରାସାୟନିକ ସାର, କୀଟନାଶକ ଆବଶ୍ୟକ କରିଥାଏ। ସଚେତନତା କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ବିଡିଓ ରଶ୍ମିରଞ୍ଜନ ରାଉତ, ପାଟଣାଗଡ କୃଷି ଜିଲା ଅଧିକାରୀ ଗଜିନ୍ଦ୍ର ନାଥ ସିଂ, ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ଓାଇସିଡିଏ ବ୍ଲକ ସଂଯୋଜକ ହେମବତୀ ନନ୍ଦନ ବେହେରା ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ।

# ପାଇପ୍ ନ କାଟିବାକୁ ଚାଷୀଙ୍କୁ ଚେତାବନୀ

**ଭାଲେଗାଁ ମେଗା ଉଠା ଜଳସେଚନ ପ୍ରକଳ୍ପ**
- ଭୁଲ ସ୍ଥାନରେ ଆଉଟଲେଟ ନିର୍ମାଣ ଯୋଗୁ ପାଣି ମିଳୁନି
- ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲେ ଚାଷୀ

ଟିଟିଲାଗଡ଼,୫।୯ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକରେ ଚାଷୀ ଘୋର ମରୁଡି ପରିସ୍ଥିତର ସମ୍ମୁଖୀନ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ମିତ ମେଗା ଉଠା ଜଳସେଚନ ପ୍ରକଳ୍ପ ଚାଷୀଙ୍କ ବିଶେଷ କାମରେ ଆସୁନାହିଁ। ଏପରିସ୍ଥଳେ ପାଇପ କାଟି କେତେକ ବଳପୂର୍ବକ ପାଣି ନେଇ ଯାଉଥିବାରୁ ସବୁଚାଷୀଙ୍କ ଖେତରେ ପାଣି ପହଞ୍ଚି ପାରୁନାହିଁ। ପାଣି ଯୋଗାଣକାରୀ ଠିକାସଂସ୍ଥା ଜିଲାପାଳଠାରେ ଏହିଭଳି ଅଭିଯୋଗ କରିଛି। ଏହାକୁ ନେଇ ରବିବାର ଟିଟିଲାଗଡ ଉପଜିଲାପାଳ ସତ୍ୟବାନ ମନୋଜ ମହାଜନ, ତହସିଲଦାର ପ୍ରେମଲାଲ ହିଆଲ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମନୋଜ ବରାଇଆ, ସହକାରୀ ଯନ୍ତ୍ରୀ ଅନିରୁଦ୍ଧ ସାହୁ, ଠିକାସଂସ୍ଥା ଏଲଏଣ୍ଡଟି ଅଧିକାରୀ ବ୍ଲକ ଅନ୍ତର୍ଗତ ଭାଲେଗାଁ ମେଗା ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଚାଷୀଙ୍କ ପାଖରେ ପହଞ୍ଚି ଥିଲେ। ଚାଷୀଙ୍କ ଘରକୁ ଘର ଯାଇ କୌଣସି ପରିସ୍ଥିତିରେ ପାଇପ ନ କାଟିବାକୁ ଅଧିକାରୀମାନେ ଚେତାବନୀ ଦେଇଛନ୍ତି।


ପୋଲିସ ଫୋର୍ସ ସହ ଉପଜିଲାପାଳ ଚାଷୀଙ୍କ ଘରକୁ ଯାଇ ପ୍ରକଳ୍ପ ପାଇପ୍ ନ କାଟିବାକୁ କହୁଛନ୍ତି।

ନିର୍ମାଣ ଆରମ୍ଭରୁ ଭାଲେଗାଁ ମେଗା ଉଠା ଜଳସେଚନ ପ୍ରକଳ୍ପ ବିବାଦ ଘେରରେ ରହିଛି। ସୂଚନା ଫଳକ ମୁତାବକ ତା୬।୮।୧୩ରିଖରେ ନିର୍ମାଣ କାମ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ପାଇଁ ୩୫ କୋଟି ୯୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରାରମ୍ଭ ସମୟରେ ପ୍ରକଳ୍ପକୁ ନେଇ ଚାଷୀମାନେ ସନ୍ଦେହ ପ୍ରକାଶ କରି କାମ ବନ୍ଦ କରିଥିଲେ। ଟିଟିଲାଗଡ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ ଅଧିକାରୀମାନଙ୍କ ସହ ପ୍ରକଳ୍ପସ୍ଥଳକୁ ଯାଇ ଆଲୋଚନା କରିଥିଲେ। ପରେ ତତ୍କାଳୀନ ଜିଲାପାଳ ଆଶିଷ ଠାକରେଙ୍କ ଉପସ୍ଥିତିରେ ଚାଷୀଙ୍କ ସହ ଆଲୋଚନା କରାଯାଇ ୨୦୧୮ ମେ ସୁଦ୍ଧା କାମ ସମ୍ପୂର୍ଣ୍ଣ କରି ଚାଷୀଙ୍କ ଜମିକୁ ପାଣି ଦେବା ପାଇଁ ଉଠା ଜଳସେଚନ ବିଭାଗ ଯନ୍ତ୍ରୀ ଏବଂ ଠିକାଦାର ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି ୩ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପରୁ ଚାଷୀ ପାଣି ପାଇ ପାରୁନହିଁ। ୧୮ଟି ଗ୍ରାମର ୨୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପରୁ ଅଧେ ଜମି ମଧ ଜଳସେଚିତ ହୋଇ ପାରି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ନିଜ ଜମି କଡରେ ଯାଇଥିବା ପାଇପ କାଟି ଜଳସେଚନ ପାଇଁ ଚାଷୀ ପାଣି ନେଉଥିବାରୁ ଆମେ ଖାଲି ଚେତାବନୀ ଦେଉଛୁ ବୋଲି ଉପଜିଲାପାଳ ମହାଜନ କହିଛନ୍ତି। ଆବଶ୍ୟକ ସଂଖ୍ୟକ ଓ ଭୁଲ ସ୍ଥାନରେ ଆଉଟଲେଟ ନିର୍ମାଣ ଯୋଗୁ ଚଳିତ ବର୍ଷ ଘୋର ମରୁଡି ସମୟରେ ପ୍ରକଳ୍ପରୁ ଜଳସେଚନ ପାଇଁ ପାଣି ମିଳୁ ନ ଥିବାରୁ ନେଇ ଚାଷୀ ଅସନ୍ତୋଷ ତୀବ୍ର ହେଉଥିବା ଭାଲେଗାଁ ସରପଞ୍ଚ କ୍ରିଷ୍ଣା ବାଗ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ବିଫଳତା ନେଇ ରାଜ୍ୟ ସରକାର ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀ ନେତା ବେଣୁଧର ଝାଙ୍କର, ବାଲକ୍ରିଷ୍ଣ ଷାଣ୍ଡ ପ୍ରମୁଖ ଦାବି କରିଛନ୍ତି।

# ଲୋପ ପାଉଛି ପାରମ୍ପରିକ ଗେଡ଼ିଚଢ଼ା ପର୍ବ


ଜଣେ ଯୁବକ ଗେଡିରେ ଚଢି ଯାଉଛନ୍ତି।

ଲାଠୋର, ୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ଅନ୍ୟତମ ନିଆରା ଗେଡିଚଢା ପର୍ବ। ରଥଯାତ୍ରା ପରେ ଏହି ପର୍ବ ଆରମ୍ଭ ହୋଇ ପ୍ରାୟ ଦୁଇ ମାସ ପରେ ଭାଦ୍ରବ ଅମାବାସ୍ୟାରେ ସରିଥାଏ। ଯୁବକମାନେ ଜଙ୍ଗଲରୁ ଧଉଁରା କାଠ ସଂଗ୍ରହ କରି ଗେଡି ତିଆରି କରି ସେଥିରେ ଖେଳିଥାନ୍ତି। ଗାଁ ଗାଁ, ପଡା ପଡା ମଧ୍ୟରେ ଗେଡି ଚଢା ପ୍ରତିଯୋଗିତା ଆୟୋଜନ ହୋଇଥାଏ। ବିଜୟୀ ଗାଁ, ପଡାକୁ ପୁରସ୍କୃତ କରାଯାଏ। ଏହି ପର୍ବ ପାଳନ କଲେ ଗୃହପାଳିତ ପଶୁ ପକ୍ଷୀ ବିଭିନ୍ନ ପ୍ରକାର ରୋଗବ୍ୟାଧିରୁ ମୁକ୍ତ ପାଇବେ, ସମାଜରେ ଶାନ୍ତି ସମୃଦ୍ଧି ବଜାୟ ରହିବ ବୋଲି ଲୋକ ବିଶ୍ୱାସ ରହିଛି। ଏବେ ସମୟର ପରିବର୍ତ୍ତନ ସହ ଏହି ପର୍ବ ତାହାର ପୂର୍ବ ସ୍ଥିତି ହରାଇ ବସିଛି। କାଁ ଭାଁ କେତେକ ସ୍ଥାନରେ ପରମ୍ପରା ବଜାୟ ରଖିବାକୁ ଏହି ପର୍ବ ପାଳନ କରାଯାଉଛି। 'ଯାରେ ଡକେର ଯା ପିଠାପଣା ଖାଇ ଯା, ରୋଗବ୍ୟାଧି ସବୁ ନେଇ ଯା' ଉଚ୍ଚାରଣ କରି ଗ୍ରାମଦେବୀଙ୍କୁ ପୂଜା କରିବା କାଁଭାଁ ଶୁଣିବାକୁ ମିଳୁଛି। ତେବେ ଖପ୍ରାଖୋଲ ବ୍ଲକ କରୁଆଝର ଗ୍ରାମବାସୀ ଏବେ ବି ଏହି ପର୍ବକୁ ବଞ୍ଚାଇ ରଖିଛନ୍ତି। ଚଳିତ ବର୍ଷ ପୁରା ଉଆଁସ ଆସନ୍ତା ୭ତାରିଖ ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ଗାଁର ଅନ୍ୟତମ ଆୟୋଜକ ସନ୍ତୋଷ କୁମାର ତାଣ୍ଡି କହିଛନ୍ତି।

# ଘୁଚାପାଲିକୁ ହରାଇ ଉଦ୍ୟାନବନ୍ଧ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ନୂଆପଡ଼ା ଅଫିସ,୫।୯

ନୂଆପଡା ଜିଲା କୋମନା ବ୍ଲକ ତରବୋଡ ରାଜିବ ଗାନ୍ଧୀ ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ୧୩ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବରଗଡ ଜିଲା ଘୁଚାପାଲି ଓ ଉଦ୍ୟାନବନ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟାନବନ୍ଧ ଦଳ ଘୁଚାପାଲି ଦଳକୁ ୪ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା କ୍ରିକେଟ ସଂଘ ସମ୍ପାଦକ ଭୌରବ ସାହୁ ଯୋଗଇଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୋପମଣି ପାଣିଗ୍ରାହୀ, ବିଜୁ ଜନତା ଦଳ ନୂଆପଡା ସମ୍ପାଦକ ସୁଧିର ମିଶ୍ର, ଅମୀୟ କୁମାର ଦାସ, ହେମନ୍ତ କୁମାର କର, ଗରିବ ସେନା ସଭାପତି ରବି ମଙ୍ଗରାଜ, ମାନିଗୁଡା ସରପଞ୍ଚ ରାମସିଂ ମାଝି, ଜଟଗଡ ସରପଞ୍ଚ ପ୍ରତିନିଧି ଠାକୁର ଜଗତ, ତରବୋଡ ସରପଞ୍ଚ ପ୍ରତିନିଧି ବ୍ରହ୍ମାନନ୍ଦ ସୁନାନୀ, ମାଧବ ପ୍ରସାଦ ସାହୁ, ସରୋଜ ପ୍ରଧାନ, ଗଦାଧର ଗହୀର, ରଞ୍ଜିତ ସୁନା ପ୍ରମୁଖ ଯୋଗଦେଇଥିଲେ। ସନ୍ତୋଷ ପ୍ରଧାନ, ବଳରାମ ସରାଫ, ସତ୍ୟାନନ୍ଦ ମାଝି, ଗୁଡୁ ମାଝି ଖେଳ ପରିଚାଳନା କରିଥିବା ବେଳେ ଫୁଟବଲ ଆସୋସିଏଶନ ତରବୋଡ ଆୟୋଜନ କରିଛନ୍ତି। ଅନୁଷ୍ଠାନ ସଭାପତି ଦୁଃଖ ଭଞ୍ଜନ ନାୟକ, ସମ୍ପାଦକ ଦୟାଲାଲ ଅହୀର, ଉପସଭାପତି ଅଜୟ କୁମାର ଅହୀର, ସଞ୍ଜୀବ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପରିଡା, ଭୋଜରାମ ଅହୀର, ଶୁକ୍ରୁ ଭୋଇ, ଗୁପତ ଦୀପ, ବିନୋଦ ବନଛୋର, ଅକ୍ଷୟ ଗହୀର, କୁମୁଦ ବନଛୋର ପ୍ରମୁଖ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ନୂଆପଡା, କଳାହାଣ୍ଡି, ବଲାଙ୍ଗୀର, ବରଗଡ ଜିଲାର ୮ଟି ଦଳ ଯୋଗ ଦେଇଥିଲେ।

# ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୫।୯

ବଲାଙ୍ଗୀର ଜିଲାର ପୁଇଁତଲା ବ୍ଲକ କୁତୁଲ ସ୍ଥିତ ରାମଜୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ଏକ ବୈଠକ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାମଜୀ ଉଚ୍ଚ ବିଦ୍ୟାଳୟକୁ ପୌଷ୍ୟସ୍କୁଲ ଭାବେ ଗ୍ରହଣ କରିଥିବା ରାଜ୍ୟସଭା ସଦସ୍ୟ ସୁବାସ ସିଂ ବିଦ୍ୟାଳୟର ଶିକ୍ଷା ଓ ଶିକ୍ଷକ ସମସ୍ୟାକୁ ପ୍ରଥମେ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ପୂର୍ବରୁ ଏହି ସ୍କୁଲ ପରିଦର୍ଶନ କରିଥିଲେ ଏବଂ ବିଦ୍ୟାଳୟର ପୁନରୁଦ୍ଧାର ନିମନ୍ତେ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ପାଣ୍ଠି ଯୋଗାଇ ଦେବାକୁ କହିଥିଲେ। ଏଥିପାଇଁ ସେ ବିଦ୍ୟାଳୟ ଶୁଭେଚ୍ଛୁ ବିଷ୍ଣୁପ୍ରସାଦ କେଡିଆଙ୍କୁ ଜିଲାପାଳ ଓ ପ୍ରଶାସନ ସହିତ ଯୋଗାଯୋଗ କରିବାର ଦାୟିତ୍ୱ ଦେଇଥିଲେ। ବୈଠକରେ ମୋ ସ୍କୁଲ କାର୍ଯ୍ୟକ୍ରମ ସଭାପତି ଅଶ୍ୱିନୀ ନାଏକ, କୋଷାଧକ୍ଷ ଅସିତ ରଞ୍ଜନ ପଟ୍ଟନାଏକ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ପ୍ରାୟ ୫୭ ଜଣ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଶିକ୍ଷକଙ୍କ ବିନା ସୁସ୍ଥ ସମାଜ ଗଠନ ଅସମ୍ଭବ



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

କର୍ଲାମୁଣ୍ଡା,୫।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାଠାରେ ରବିବାର ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ଗୁରୁଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ବରୁଣ କୁମାର ସୁନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟକ ତଥା ଥୁ.ରାମପୁର ମା' ମାଣିକେଶ୍ୱରୀ ଜୁନିୟର କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ କୁମାର ମିଶ୍ର, ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁ, ସ୍ୱାଧୀନ ପାତ୍ର, ମ.ରାମପୁର ବିଇଓ ଠାକୁର ଚନ୍ଦ୍ର ସାହୁ, ବୋଡେନ ଡିଇଓ ପ୍ରେମାନନ୍ଦ ନାଏକ, ବିଜୟ କୁମାର ବିଷୋୟୀ, ଆଶିଷ ପାଢୀ, ତେରେସିଂହା ଜୁନିୟର କଲେଜ ଅଧକ୍ଷ ଜୟନ୍ତ ବାଗ, ବଙ୍ଗୋମୁଣ୍ଡା ତହସିଲଦାର ଗୁଣମଣି ସୁନାନୀ, ଗୋବର୍ଦ୍ଧନ ବାଗ, ଦେବେନ୍ଦ୍ର ପଣ୍ଡା, ବିରଞ୍ଚି ନାରାୟଣ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକଙ୍କ ବିନା ସୁସ୍ଥ ଓ ସମୃଦ୍ଧ ସମାଜ ଗଠନର ପରିକଳ୍ପନା ଅସମ୍ଭବ। ଯେଉଁ ଦେଶରେ ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତି, ସେ ଦଶେ ସେତେ ବିକଶିତ। ତେଣୁ ଯୁଗେ ଯୁଗେ ଶିକ୍ଷକମାନେ ଆଗର ଚିରବନ୍ଦନୀୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣ ସମ୍ମାନରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାମାଜିକ କର୍ମୀ ରିଷିଡାର ଅନ୍ତର୍ଯ୍ୟାମୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତି ବ୍ଲକ ଅବସର ପ୍ରାପ୍ତ ଓ କାର୍ଯ୍ୟରତ କିଛି କୃତୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ଶିକ୍ଷକ ଓ ଗାଳ୍ପିକ ଡିଲେଶ୍ୱର ରଣା ସଭା ସଂଯୋଜନା କରିଥିବା ବେଳେ ଜିଲା ସମ୍ପାଦକ ଧନଞ୍ଜୟ ସାହୁ ବିବରଣୀ ପାଠ କରିଥିଲେ। ବ୍ଲକ ସମ୍ପାଦକ ରିଟନ୍ ନାଗ, ଟୁକୁମଣି ସୁନା, ତ୍ରିଭୁବନ ବାଗ, ମଧୁସୂଦନ ବାଗ ସହଯୋଗ କରିଥିଲେ।

# ଯୁବ ସମ୍ବଳ କେନ୍ଦ୍ର ପକ୍ଷରୁ କ୍ୟାରିୟର କାଉନସେଲିଂ

ନୂଆପଡ଼ା ଅଫିସ,୫।୯

ନୂଆପଡା ଜିଲା କୋମନା ପଞ୍ଚାୟତ ସମିତି ଜୁନିୟର କଲେଜରେ ଯୁବ ସମ୍ବଳ କେନ୍ଦ୍ର ଓ ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ଯୁକ୍ତ ଦୁଇ ବିଜ୍ଞାନ ଏବଂ କଳା ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରିୟର କାଉନସିଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବ ସମ୍ବଳ କନ୍ଦ୍ରେ ଯୁବ ସମ୍ବଳ ସଂଯୋଜକ ବିଶ୍ୱଜିତ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ ସମିତି ଜୁନିୟର ମହାବିଦ୍ୟାଳୟ ପ୍ରଧ୍ୟାପକ ସିଧେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ସମାପ୍ତ ପରେ ଛାତ୍ରୀଛାତ୍ରମାନେ କେଉଁ ବିଷୟ ଉପରେ ପାଠ ପଢିପାରିବେ ଓ ନିଜ କ୍ୟାରିୟର କିପରି ନିର୍ଦ୍ଧାରଣ କରିବେ, ଯୁବତୀଯୁବକମାନେ ନିଜର ଇଛା ଅନୁସାରେ କ୍ୟାରିୟର ନିର୍ଦ୍ଧାରଣ କରି ପାରିବେ ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ର ସେଚ୍ଛାସେବୀ କହ୍ନେଇ ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରୋୟାଲ ଯୁଥ କ୍ଲବ ସମ୍ପାଦକ ଟିକେଶ୍ୱର ହଂସ, ପ୍ରେମଲାଲ ଆଡବଙ୍ଗ ପ୍ରମୁଖ ସହଯୋଗ କରିଥିଲେ।


କ୍ୟାରିୟର କାଉନସିଲିଂ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# କଂଗ୍ରେସର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ

ଦେଓଗାଁ,୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଂଗ୍ରେସର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ରବିବାର କୁତୁର୍ଲା ସୋନଗଡନଦୀ ପମ୍ପହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱ, ବଳରାମ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାବେଶରେ ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳୀୟ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟମାନେ ଯେପରି ବିପୁଳ ପରିମାଣରେ ବିଜୟୀ ହୋଇ ପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହ କେନ୍ଦ୍ରର ନରେନ୍ଦ୍ର ମୋଦୀ ଓ ରାଜ୍ୟର ବିଜେଡି ସରକାରର ବିଫଳତା ଉପରେ ଦଳୀୟ ନେତାମାନେ ବିଷୋଦ୍‌ଗାର କରିଥିଲେ। ବୁଲୁ ମାଝୀ, ପୀତବାସ ଭୋଇ, ଦୟାନିଧି ନାଏକ, ଡୋଳାମଣି ଭୋଇ, ଦୀପକ ବାରିକ, ମଦନ ସାହୁ, ସିତୁ ପୁରୋହିତ, ଡମ୍ବରୁ ହରପାଲ, କରୁଣାକର ରଣା, ଇସ୍‌ମାଇଲ ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କର୍ମୀ ସମାବେଶରେ ଉପସ୍ଥିତ ନେତା ଓ କର୍ମୀ।

# ସ୍ୱର୍ଣ୍ଣ ଜୟନ୍ତୀ ପୂର୍ବରୁ କାର୍ଯ୍ୟକ୍ଷେତ୍ର ବିସ୍ତାର ହେବ

**ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବୈଠକ**

ବଲାଙ୍ଗୀର ଅଫିସ, ୫।୯

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସ୍ଥାପନର ୫୦ବର୍ଷ ପୂର୍ତ୍ତି ୨୦୨୪ରେ ପାଳନ କରାଯିବ। ଏହା ପୂର୍ବରୁ ଗ୍ରାହକ ପଞ୍ଚାୟତର କାର୍ଯ୍ୟକ୍ଷେତ୍ରକୁ ବିସ୍ତାରିତ କରି ବଲାଙ୍ଗୀର ଜିଲାର ତହସିଲ ଏବଂ ପଞ୍ଚାୟତସ୍ତରରୁ କାର୍ଯ୍ୟକର୍ତ୍ତା ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିରଠାରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀର ଶାଖା ବୈଠକ ଅନୁଷ୍ଠିତ ହୋଇଥିଲା। ସେପ୍ଟେମ୍ବର ପ୍ରାରମ୍ଭରୁ ତିନି ମାସ ଧରି ନୂତନ ସଭ୍ୟ ସଂଗ୍ରହ ଏବଂ ପୁରାତନ ସଭ୍ୟଙ୍କ ନବୀକରଣ ପ୍ରକ୍ରିୟା ଆରମ୍ଭ କରିବା ଉପରେ ଆଲୋଚନା ହୋଇଥିଲା। ଜିଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଖିଳ ଭାରତ ଗ୍ରାହକ ପଞ୍ଚାୟତ (ଏବିଜିପି)ର ପୃଷ୍ଠପୋଷକ ମଗନଲାଲ ଅଗ୍ରୱାଲ ମୁଖ୍ୟଅତିଥିଭାବେ ଯୋଗଦେଇ ସଙ୍ଗଠନର କାର୍ଯ୍ୟକ୍ଷେତ୍ର ବିକାଶ କରିବା ସହ ଖାଉଟୀ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଏବଂ ଖାଉଟୀଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଅଧିକାର କର୍ମୀ ନୀଳମଣୀ ଯୋଷୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଖାଉଟୀ ସୁରକ୍ଷା ଦିଗରେ ସୂଚନା ଅଧିକାର ମାଧ୍ୟମରେ ବିଭିନ୍ନ ଦିଗକୁ ବର୍ଣ୍ଣନା କରିଥିଲେ। ସୂଚନା ଅଭାବରୁ ଖାଉଟୀ ଅନେକ ସମୟରେ ଠକାମି ଶିକାର ହେଉଥିବାରୁ ସୂଚନା ଅଧିକାର ଆଇନ ବଷୟରେ ଖାଉଟୀ ଜାଣିବା ଜରୁରୀ ବୋଲି କହିଥିଲେ। ସଙ୍ଗଠନର ପ୍ରଚାର ପ୍ରସାର ପ୍ରମୁଖ ଇଂ. କିଶୋର ମୋହନ ମିଶ୍ର ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିଥିଲେ। ବଲାଙ୍ଗୀରର ବିଭିନ୍ନ ସମସ୍ୟା ଓ ଖାଉଟୀ ଭୋଗୁଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ପଞ୍ଚାୟତ ଅଧାପକ ଜୟଚନ୍ଦ୍ର ସାହୁ, ଦୁର୍ଗା ପ୍ରସାଦ ହୋତା, ଲୋକନାଥ ପାତ୍ର, ଡା. ଗୋପାଳ ଚନ୍ଦ୍ର ମିଶ୍ର ଓ ରଞ୍ଜିତା ମିଶ୍ର ଆଲୋକପାତ କରିଥିଲେ। ଏହି ଅବସରରେ ସଙ୍ଗଠନର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଗୋପବନ୍ଧୁ ଶତପଥୀ, ଉପସଭାପତି ମହେଶ୍ୱର ସାହୁ, ସମ୍ପାଦକ ଅଶୋକ କୁମାର ମିଶ୍ର, ସହସମ୍ପାଦକ ମାଳତୀ ଉଦ୍‌ଗାତା, କୋଷାଧକ୍ଷ ନବକୃଷ୍ଣ ପଟେଲ ଓ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ବିଶ୍ୱନାଥ ତ୍ରିପାଠୀ, ଦୁର୍ଗା ପ୍ରସାଦ ହୋତା, ଗୋବର୍ଦ୍ଧନ ପାଣ୍ଡିଆ, ଜୟଚନ୍ଦ୍ର ସାହୁ, ବୀଣାପାଣି ଆଚାର୍ଯ୍ୟ ଓ ରଞ୍ଜିତା ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା।


ଅଖିଳ ଭାରତ ଗ୍ରାହକ ପଞ୍ଚାୟତ ବୈଠକରେ ଉପସ୍ଥିତ ସଦସ୍ୟ।

## ଗୌଡ଼ଦେଇ ସାହିକୁ ପାଣି ଯୋଗାଣ ଦାବି

ବୌଦ୍ଧ/ବଘିଆପଡା,(ସ୍ୱ.ପ୍ର./ଡି.ଏନ.ଏ.): ବୌଦ୍ଧ ଜିଲା ବଘିଆପଡା ଗ୍ରାମ ପଞ୍ଚାୟତର ନୂଆପାଲି ଗୌଡଦେଇ ସାହିକୁ ପାଣି ଯୋଗାଇବା ପାଇଁ ଦାବି ହୋଇଛି । ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜିଲା ଜଳ ଓ ପରିମଳ ଅଧିକାରୀଙ୍କ ନିକଟରେ ଏହି ଦାବି କରାଯାଇଛି। ଶୁକ୍ରବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସାହିରେ ୮୦ରୁ ଅଧିକ ପରିବାର ବସବାସ କରୁଛନ୍ତି । ବର୍ତ୍ତମାନ ସାହିବାସିନ୍ଦାମାନେ ପାଣି ପାଇଁ ବହୁ ହଇରାଣ ହେଉଛନ୍ତି। ସାହିରେ ଦୀର୍ଘ ଏକ ବର୍ଷ ହେବ ଠିକାଦାର ପାଇପ ବିଛାଇ ଥିଲେ ହେଁ ପାଣି ଯୋଗାଇ ଦିଆଯାଇନାହିଁ। ଯଥାଶୀଘ୍ର ପାଣି ଯୋଗାଇ ଦେବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏକ ଦାବିପତ୍ର ଜିଲା ଜଳ ଓ ପରିମଳ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

### ସଂକ୍ଷେପରେ

## ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ବୈଠକ

ବୌଦ୍ଧ,୫।୯(ସ୍ୱ.ପ୍ର.): ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ପକ୍ଷରୁ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ଅଧକ୍ଷତା କରିଥିଲେ । ବୈଠକରେ ଜନ ଆରୋଗ୍ୟ ସମିତି ଗଠନ ଓ କାର୍ଯ୍ୟକାରିତା, କୋଭିଡ ପରିଚାଳନା, ମ୍ୟାଲେରିଆ ଦୂରୀକରଣ, ମମତା ଯୋଜନା, ଶତପ୍ରତିଶତ ଟିକାକରଣ କରିବା, ଗାଁ କଲ୍ୟାଣ ସମିତି ପରିଚାଳନା, କିଶୋରୀ ବାଳିକାମାନଙ୍କ ଦାୟିତ୍ୱ କିଭଳି ନିଆଯିବ, ମାତୃ ସ୍ୱାସ୍ଥ୍ୟ ଓ ପୁଷ୍ଟିହୀନତା ଦୂରୀକରଣ ଏବଂ ପରିମଳ ଓ ସ୍ୱାସ୍ଥ୍ୟସେବା ସଂପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଆଶା ସଂଯୋଜକ ପ୍ରଫୁଲ୍ଲ କୁମାର ସାହୁ, ବିପିଏମ ସୁଧାଂଶୁ ଶେଖର ପ୍ରଧାନ ଓ ବିଏଏମ ଅନ୍ତର୍ଯ୍ୟାମୀ ନାଏକ ଯୋଗଦେଇ ବିଭିନ୍ନ ଯୋଜନାର ସଫଳ ପରିଚାଳନା ସଂପର୍କରେ ବୁଝାଇଥିଲେ। ବୈଠକରେ ପଦ୍ମନପୁର ଓ ମୁଣ୍ଡାପଡା ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀ ଯୋଗ ଦେଇଥିଲେ। ଶେଷରେ ଏନଏମ ସାରଦା ପୂଝାରୀ ଧନ୍ୟବାଦ ଦେଇଥିଲେ।

## ଆବାସ ଯୋଜନାରେ ସାମିଲ ପାଇଁ ବିଡିଓଙ୍କୁ ଫେରାଦ

ଅମରପାଲି, ୫।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଗ୍ରାମର ମାଳତୀ ରଣା(୫୨)। ସ୍ୱାମୀ ଆରପାରିକୁ ଯିବା ୫ବର୍ଷ ବିତିଗଲାଣି। ଏବେ ୨ ଝିଅ ଓ ଜଣେ ପୁଅକୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବାର୍ଦ୍ଧକ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ମିଳୁଛି ୨୦କେଜି ଚାଉଳ। ଜମିବାଡି କିଛି ନାହିଁ। ଭଙ୍ଗାଘରେ ଦିନ ବିତୁଛି। ବର୍ଷା ହେଲେ ଘରେ ପାଣି ଭାସୁଛି। ଏହିସ୍ଥିତିରେ ବିବାହିତା ଏକମାତ୍ର ଝିଅ ମାମି(୩୦) ସ୍ୱାମୀ ନିର୍ଯାତନା ସହି ନପାରି ଶାଶୁଘର ଛାଡି ତାଙ୍କ ପାଖରେ ରହୁଛନ୍ତି। ୧୮ବର୍ଷର ପୁଅ ଜନ୍ମେଜୟ କର୍ମ ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଅସୁସ୍ଥତା ହେତୁ ମାଳତୀ କାମ ଧନ୍ଦା କରି ପାରୁନାହାନ୍ତି। ଦିନକୁ ଦୁଇଓଳା ଖାଇବା ଯୋଗାଡ କରିବା ମାଳତୀଙ୍କ ପାଖରେ ସମ୍ଭବ ହେଉନାହିଁ। ଏହିସବୁ ସମସ୍ୟା ଜଣାଇବାକୁ ଶନିବାର ସେ ଓ ତାଙ୍କ ସ୍ୱାମୀ ପରିତ୍ୟକ୍ତା ଝିଅ ମାମିଙ୍କୁ ନେଇ ବିଡିଓ ମୋତିଲାଲ ସୁଲିଆଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମିଙ୍କୁ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ। ପରେ ତହସିଲଦାର ଖଦାଳ ପାତ୍ରଙ୍କୁ ଭେଟି ବସୁନ୍ଧରା ଯୋଜନାରେ ଘରଡିହ ପ୍ରଦାନ କରିବାକୁ ନିବେଦନ କରିଥିଲେ। ସେମାନଙ୍କ ସହ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ଆସିଥିଲେ। ଖୁବଶୀଘ୍ର ଏହି ଗରିବ ପରିବାରକୁ ଭତ୍ତା ଓ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି ବିଡିଓ ସୁଲିଆ କହିଛନ୍ତି। ସେହିପରି ଦୁର୍ଦ୍ଦିନରେ ଦିନ କାଟୁଥିବା ଏହି ପରିବାରକୁ ଘରଡିହ ଯୋଗାଇ ଦେବାକୁ ତହସିଲଦାର ପାତ୍ର କହିଛନ୍ତି।

# ଓଡ଼ିଶୀ ଶୈଳୀର ବିକାଶ ଦିଗରେ ଏକାମ୍ର ଥିଲା ପରୀକ୍ଷାଗାର

ଡ. ସୁରେନ୍ଦ କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ଆମେ ପୂର୍ବରୁ ଆଲେଖ୍ୟରେ ବିଚାର କରିଥିଲେ ଗୋଟିଏ ଜାତି ପଥର ଶିଳ୍ପକଳାର ଶୀର୍ଷ ସ୍ଥାନରେ ପହଞ୍ଚିବା ଆଗରୁ କେତେ ଯେ ପରୀକ୍ଷା ନିରୀକ୍ଷା ଦେଇ ବିକାଶ ପଥରେ ଆଗେଇଥିବ, କଳ୍ପନା କରିବା ସମ୍ଭବ ନୁହେଁ। ଶିଳ୍ପୀର ସେ ଦୀର୍ଘଯାତ୍ରା ଆଜି ଆମେ ଚର୍ଚ୍ଚା ପରିସରକୁ ଆଣୁଛେ ଏଇଥି ପାଇଁ ଯେ ଯୋଉ ପଣ୍ଡିତମାନେ ଲେଖିଗଲେ ଓଡ଼ିଆ ଶିଳ୍ପୀ ଏପରି ମନ୍ଦିର ଗଢ଼ି ନ ଥିବେ, ଗଢ଼ିବା ସମ୍ଭବ ନୁହେଁ, ସେଇମାନଙ୍କୁ ବିକାଶପଥର ଐତିହ୍ୟର ଏକ ଚିତ୍ର ଦେବା। ନିଜେ ବି ହେଜିବା।

ଦୁର୍ଗାଚରଣ ପଣ୍ଡା ଏକ ନିଚ୍ଛକ ପ୍ରତିଛବି ଶିଳ୍ପୀଙ୍କର ଦୀର୍ଘ ବିକାଶଯାତ୍ରାର ଆଙ୍କିଛନ୍ତି। ସେ ସ୍ପଷ୍ଟ କରିଛନ୍ତି xxx ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଦୀର୍ଘ ୧୫୦୦ ବର୍ଷ ଧାରାବାହିକ ଭାବେ ଏକାମ୍ର କ୍ଷେତ୍ରରେ, ପ୍ରତ୍ୟେକ ଶତାବ୍ଦୀରେ କୌଣସି ନା କୌଣସି ମନ୍ଦିର ନିର୍ମିତ ହୋଇଆସିଛି। xxx ମନ୍ଦିର ନିର୍ମାଣର ଅଙ୍କୁରୋଦ୍‌ଗମଠାରୁ ଚରମ ବିକାଶଧାରାର ଅଧ୍ୟୟନ ନିମନ୍ତେ ମନ୍ଦିରନଗରୀ ଭୁବନେଶ୍ୱର ଏକ ଅପୂର୍ବ ସ୍ଥାନ। (ତତ୍ରୈବ)।

ବାସ୍ତବରେ କେତେ ଯେ ଛୋଟଛୋଟ ମନ୍ଦିର ଗଢ଼ାହୋଇଥିବ, କେତେ ଶାସ୍ତ୍ରୀୟଶୈଳୀ ଆପଣେଇ ନେବାକୁ ପଡ଼ିଥିବ, କେତେ ନୂଆ ଶୈଳୀ, ନୂଆ ମାପ ତା' ମଧ୍ୟରେ ଯୋଗ ହୋଇଥିବ ତା'ର ଇତିହାସ ନ ମିଳିଲେ ମଧ୍ୟ, ଗୋଟିଏ କଥା ମିଳେ ଶାସ୍ତ୍ରୀୟଧାରାରୁ ମୁକ୍ତ ହୋଇ ଆବଶ୍ୟକ ଅନୁଯାୟୀ ଯେତେବେଳେ ବିଚାର ବିମର୍ଶ କରି ଓଡ଼ିଆ ସ୍ଥପତି ନୂତନ ଶୈଳୀ ଖଞ୍ଜିଥିବେ ସେତେବେଳେ ତାକୁ ତାଳପତ୍ର ପୋଥିରେ ଲେଖିଥିବେ। ତାହା ହିଁ ଓଡ଼ିଶାର ନିଜସ୍ୱ ଶିଳ୍ପଶାସ୍ତ୍ର ହୋଇଯାଇଛି। ସେଇ ନୂତନ କୌଶଳ, ନୂତନ ପରିପାଟୀ ହୋଇଯାଇଛି ଓଡ଼ିଶୀ ଶୈଳୀ। କେବେ କଳିଙ୍ଗଶୈଳୀ ରୂପେ ପରିଚିତ ହୋଇଛି ତ କେବେ ଉତ୍କଳ ଶୈଳୀ ରୂପେ। ଏବେ ଆମେ ସାତୋଟିଯାକ ସାମ୍ରାଜ୍ୟର ଶୈଳୀକୁ କହିପାରିବା 'ଓଡ଼ିଶୀ ଶୈଳୀ'।

ମନ୍ଦିରଟି ଆରମ୍ଭ କରିବାଠାରୁ ଦେବତାଙ୍କୁ ପ୍ରତିଷ୍ଠା କରି ଉପାସନା ଆରମ୍ଭ ପର୍ଯ୍ୟନ୍ତ ୮ଟି ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼େ। ବଡ଼ମନ୍ଦିରଟିଏ ଗଢ଼ିବା ପୂର୍ବରୁ ତା'ର ପ୍ରତିକୃତି ଛୋଟ ମନ୍ଦିରଟିଏ ପ୍ରଥମେ ଗଢ଼ା ହୋଇଥିବ। ତାହା ହିଁ ହୋଇଥିଲା କୋଣାର୍କଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ହେବା ପୂର୍ବରୁ। ଚାରି ସ୍ଥାନରେ ରହୁଥିଲେ ଶିଳ୍ପୀ। ରହୁଥିବା ସ୍ଥାନରେ ମୁଖ୍ୟମନ୍ଦିରର ବିଭିନ୍ନ ଦୃଷ୍ଟିକୋଣକୁ ବିଚାର କରି ପ୍ରତିକୃତି ମନ୍ଦିର ଗଢ଼ାଯାଇଥିଲା। ଚଉରାଶି ଗ୍ରାମରେ କୋଣାଦିତ୍ୟଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ଦେଢ଼ଶହ ବର୍ଷ ପୂର୍ବରୁ ବାରାହୀ ଦେବୀଙ୍କ ମନ୍ଦିର ନିର୍ମାଣ ହୋଇସାରିଥିଲା। ଏଠାରେ ୩୦୦ ମହାରଣା ରହିଥିଲେ। ତେଣୁ ଏହି ମନ୍ଦିର ବଢ଼େଇ ମନ୍ଦିର ଭାବରେ ମଧ ପ୍ରସିଦ୍ଧ ହୋଇଯାଇଥିଲା। ଦୁଇଟି ମନ୍ଦିର ଦେଖିହେଉଛି। ଆଉ ଦୁଇଟି ଅଧାଭଙ୍ଗା ହୋଇ ଧ୍ୱଂସପଥରେ ଆଗେଇ ଚାଲିଛି। 'ଗୋପ' ନିକଟରେ ରହିଛି କିଲ୍ଲା ବୟାଳିଶ ବାଟି। ସେଇ ମନ୍ଦିରର ମଧ ମୁଣ୍ଡି ମରାଯାଇଥିଲା କି ନା ଜଣା ପଡୁନାହିଁ। ଦଧିନଉତି ଉପରକୁ ନାହିଁ। ଏହି ମନ୍ଦିରର ନିର୍ମାଣ ପାଇଁ ଗଙ୍ଗା ମହାପାତ୍ରଙ୍କ ଆଦେଶରେ ପଥରସବୁ ୧୨ଟି ଶଗଡ଼ରେ ବୈୟାଳିଶ ବାଟିକୁ ପ୍ରଥମେ ଆସିଥିଲା। ଭିତ୍ତିଭୂମି ସ୍ଥିର କରି ମାପଚୁପ କରିଥିଲେ ସୂତ୍ରଧର (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କ ପୁତ୍ର ଧର୍ମ ମହାପାତ୍ର। ସେଇ ଧର୍ମପଦ ଇୟେ; ଯାହାଙ୍କୁ ନେଇ ଅସରନ୍ତି କିମ୍ବଦନ୍ତୀ, ଶେଷହୀନ ଜନଶ୍ରୁତି। ସେ ହାତୀରେ ବସି କୋଣାଦିତ୍ୟରୁ ଆସିଥିଲେ କିଲ୍ଲା ବୟାଳିଶ ବାଟିକୁ। ପୋଥିର ୪୯ ପତ୍ର କଥା ଇୟେ। କିନ୍ତୁ ଆମେ ତାଙ୍କୁ ଜନଶ୍ରୁତିରେ ମାରିଦେଇଛେ।

ମାପଚୁପ ଦେବାପରେ କିଲ୍ଲା ବୟାଳିଶ ବାଟି ଆସ୍ଥାନରେ ତିନିଶହ ବିଶ୍ୱକର୍ମା ଗଢ଼ିଥିଲେ ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଥିଲେ ଶକ୍ତି ପ୍ରଦାୟିନୀ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପୂର୍ବରୁ ଗଢ଼ାସରିଥିଲା ଏଇ ମନ୍ଦିର। ଏଇ କିଲ୍ଲାର ଭ୍ରମରବର ହରିଚନ୍ଦନଙ୍କୁ ଆମେ ସ୍ମରଣ କରିବା; ଯାହାଙ୍କୁ ଗଜପତି ଦେଇଥିଲେ ମନ୍ଦିରର ହିସାବ-ନିକାଶ ଦାୟିତ୍ୱ। ଠିକ୍ ସେହିପରି 'ଚଉରାଶି'ରେ ତିନିଶହ ବିଶ୍ୱକର୍ମା ରହିବା ପୂର୍ବରୁ ଗଢ଼ିଉଠିଥିଲା ମା' ବାରାହୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଯଜ୍ଞରେ ପ୍ରତିଷ୍ଠା ପାଇଲାପରି ମା' ବାରାହୀ ମଧ ଯଜ୍ଞରେ ପ୍ରତିଷ୍ଠା ହୋଇଥିଲେ। ତାଙ୍କୁ କୁହାଯାଏ ଯଜ୍ଞବାରାହୀ। ଯଜ୍ଞ ହୋଇ ପବିତ୍ର ହୋଇଥିଲା ଗୋଲରାଗଡ଼। ସେଇଠି ରହୁଥିଲେ ତିନିଶହ ବିଶ୍ୱକର୍ମା। ଯଜ୍ଞ ଅନୁଷ୍ଠାନରେ ସେମାନେ ଯେଉଁ ଶକ୍ତିମୟୀଙ୍କୁ ପ୍ରତିଷ୍ଠା କରିଥିଲେ ସେ ଥିଲେ ଯଜ୍ଞବରୁଣେଇ। ଲିଭି ଲିଭି ଆସୁଛି ସେ ଐତିହ୍ୟ। ତିନିଶହ ବିଶ୍ୱକର୍ମା ଗଡ଼ରୂପାସରେ ରହୁଥିଲେ। ତାଙ୍କର ଉପାସ୍ୟ ଥିଲେ 'ବଡ଼ତାରା'। ବଡ଼ତାରାଙ୍କଠାରୁ ଗଡ଼ଦେବୀ ମା' କନକଦୁର୍ଗାଙ୍କୁ ମୁଣ୍ଡିଆ ମାରି ହତିଆର ଧରି ସେମାନେ ବାହାରି ଯାଉଥିଲେ 'ବଢ଼େଇଗୋହିରି' ଦେଇ ପଦ୍ମତୋଳା ଗଣ୍ଡ ନିକଟକୁ। ଏହି ଗଡ଼ର ଦଳବେହେରା ଆମ ଜାତିର ନମସ୍ୟ ପୁରୁଷ। ସେହି 'ବିଶ୍ୱାସପୁରୁଷ'ଙ୍କ ଉପରେ ଥିଲା ନିର୍ମାଣ ପରିଚାଳନା ଦାୟିତ୍ୱ। ଚାରି ଆସ୍ଥାନରୁ ଆସିଲେ ବି ଶେଷରେ ମା' ଭଗବତୀଙ୍କ ଆଶ୍ରିତ ହୋଇ କାମ ଆରମ୍ଭ କରୁଥିଲେ।



ଗଡ଼ରୂପାସର ଉପାସ୍ୟା ଦେବୀ ବଡ଼ତାରା।

## ବିକାଶର ରିଶିତା ବିଶ୍ୱବିଦ୍ୟାଳୟ ଟପ୍ପର

ବରଗଡ଼ ଅଫିସ୍,୫।୯

### ଯୁକ୍ତ ୩ ଶେଷବର୍ଷ ପରୀକ୍ଷାଫଳ



ରିଶିତା ଅଗ୍ରୱାଲ

ଯୁକ୍ତତିନି ଶେଷବର୍ଷ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ବରଗଡ଼ ବିକାଶ ଡିଗ୍ରୀ କଲେଜର ବିଭିନ୍ନ ବିଭାଗର ୨୦ଜଣ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ଟପ୍-୧୦ ତାଲିକାରେ ଅଛନ୍ତି। ବାଣିଜ୍ୟ ବିଭାଗର ଛାତ୍ରୀ ରିଶିତା ଅଗ୍ରୱାଲ(୯.୫୧ ସିଜିପିଏ) ମାର୍କ ସହିତ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗରେ ୭୧ଜଣ ଛାତ୍ରୀଛାତ୍ର ଡିଷ୍ଟିଙ୍କଶନ ସହିତ ପ୍ରଥମ ଶ୍ରେଣୀରେ ଅଛନ୍ତି। ବାଣିଜ୍ୟରେ ୨୮ଜଣ, କଳା ବିଭାଗରେ ୧୫ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କଶନ ଲାଭ କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦ୍ଭିଦ ବିଜ୍ଞାନ(ସମ୍ମାନ)ରେ ଜାଗୃତି ଜିପ୍‌ସା ଜେନା ୯.୪୧, ନିବେଦିତା ପାଣ୍ଡେ ୯.୩୬. ସୁନନ୍ଦ ସାହୁ ୯.୩୪, ରୋଜାଲିନ ପଟେଲ ୯.୧୯ ଏବଂ ଜୟଶ୍ରୀ ପଟେଲ ୯.୧୩ ସିଜିପିଏ ମାର୍କ ରଖି ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ, ତୃତୀୟ, ଚତୁର୍ଥ, ଅଷ୍ଟମ ଏବଂ ଦଶମ ସ୍ଥାନ ଅଧିକାର କରିଛନ୍ତି। ପଦାର୍ଥ ବିଜ୍ଞାନ (ସମ୍ମାନ)ରେ ଅନ୍ୱେଷା ପଣ୍ଡା ୯.୩୦, ପ୍ରତ୍ୟାଂଶିକା ଗୁରୁ ୮.୧୭ ସିଜିପିଏ ରଖି ଚତୁର୍ଥ, ଦଶମ ସ୍ଥାନ ଅଧିକାର କରିଛନ୍ତି। ରସାୟନ ବିଜ୍ଞାନ(ସମ୍ମାନ)ର ଅମୀୟ ରଞ୍ଜନ ବାଗ ୯.୧୩ ସିଜିପିଏ ରଖି ବିଶ୍ୱବିଦ୍ୟାଳୟରେ ନବମ ଏବଂ ଗଣିତ(ସମ୍ମାନ)ରେ ରାଜା ପ୍ରଧାନ ୯.୪୭ ସିଜିପିଏ ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ଇଂରାଜୀ(ସମ୍ମାନ)ରେ ପ୍ରଜ୍ଞାନୀ ପ୍ରଧାନ ୮.୨୦, ଶତାବ୍ଦୀ ପ୍ରଧାନ ୮.୧୪, ଅନ୍ୱେଷା ଅଭିଷିକ୍ତା ୮.୧୦, ପ୍ରତିଶ୍ରୁତି ପଣ୍ଡା ୮.୦୬ ସିଜିପିଏ ମାର୍କ ରଖି ବିଶ୍ୱବିଦ୍ୟାଳୟରେ ତୃତୀୟ, ଷଷ୍ଠ, ଅଷ୍ଟମ ଏବଂ ଦଶମ ସ୍ଥାନ ଅଧିକାର କରିଛନ୍ତି। ଆକାଉଣ୍ଟାନ୍ସି(ସମ୍ମାନ)ର ସିମ୍ରାନ ଅଗ୍ରୱାଲ ୯.୨୧, ଭୂମିକା ହୋତା ୯.୧୧. ଶୋଭ୍ରା କୋମଳ ଶତପଥୀ ୯.୦୭, ଜ୍ୟୋତି ଅଗ୍ରୱାଲ ୮.୯୯ ଏବଂ କରନ ପଟେଲ ୮.୯୭ ସିଜିପିଏ ରଖି ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ, ତୃତୀୟ, ପଞ୍ଚମ, ସପ୍ତମ ଏବଂ ନବମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତାରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର(ଏକାଡେମିକ୍ସ) ଜି. ରାମକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ବିବେକ କୁମାର, ଡାଇରେକ୍ଟର ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପରିଶ୍ରମ, ନିଷ୍ଠାରୁ ସଫଳତା ମିଳେ: ଈପ୍‌ସିତା



ଈପ୍‌ସିତା ପୁରୋହିତ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିଚାଳିତ ଯୁକ୍ତ ତିନି ପ୍ରାଣୀ ବିଜ୍ଞାନ(ସମ୍ମାନ)ରେ ବରଗଡ଼ ଟ୍ରଷ୍ଟ ଫଣ୍ଡ କଲେଜର ଇପ୍‌ସିତା ପୁରୋହିତ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ଈପ୍‌ସିତା ବରଗଡ଼ ନିଗମାନନ୍ଦ ବିହାର ନିବାସୀ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଏବଂ ଶିକ୍ଷୟିତ୍ରୀ ମଧୁସ୍ମିତା ହୋତାଙ୍କ ଏକମାତ୍ର କନ୍ୟା ଅଟନ୍ତି। ଅକ୍ଲାନ୍ତ ପରିଶ୍ରମ, ନିଷ୍ଠାରୁ ସଫଳତା ମିଳିଛି ବୋଲି ସେ କହିଛନ୍ତି। ମା' ବାପା ଏବଂ କଲେଜର ଅଧ୍ୟାପିକା, ଅଧ୍ୟାପକଙ୍କୁ ସେ ସଫଳତାର ଶ୍ରେୟ ଦେଇଛନ୍ତି। ଜଣେ ଅଧ୍ୟାପିକା ହେବା ତାଙ୍କ ଜୀବନର ଲକ୍ଷ୍ୟ ରହିଛି ବୋଲି ଈପ୍‌ସିତା ପ୍ରକାଶ କରିଛନ୍ତି ।

## ଆଜି ୬ ଘଣ୍ଟିଆ ବୌଦ୍ଧ ବନ୍ଦ

ବୌଦ୍ଧ,୫।୯(ସ୍ୱ.ପ୍ର.)

ବୌଦ୍ଧ ଜିଲା କଂଗ୍ରେସ କମିଟି ୧୦ ଦଫା ଦାବି ନେଇ ସୋମବାର ଦିନ ଜିଲା ବନ୍ଦ ଡାକରା ଦେଇଛି । ଏହି ବନ୍ଦ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କରାଯିବ। ଏହି ସମୟରେ ସମସ୍ତ ଦୋକାନ ବଜାର, ଗାଡି ଚଳାଚଳ, ବେସରକାରୀ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ବୌଦ୍ଧ ୧୯୯୪ ମସିହାରୁ ଏକ ନୂତନ ଜିଲାର ମାନ୍ୟତା ପାଇଲାଣି। ତେବେ ଜିଲାକୁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତରୁ ଅପସାରଣ କରାଯାଇ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ସମ୍ବଲପୁର)ରେ ସାମିଲ ପାଇଁ ଦୀର୍ଘଦିନ ହେବ ଜିଲାବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । ସେହିପରି ଜନସଂଖ୍ୟା ଦୃଷ୍ଟିରୁ ଜିଲାରେ ଆଉ ଏକ ନୂତନ ସବ୍‌ଡିଭିଜନ ସୃଷ୍ଟି କରାଯିବା, ଜିଲା ପରିଷଦ ଜୋନ ସଂଖ୍ୟା ୯ରୁ ୧୮କୁ ବୃଦ୍ଧି, ଆଉ ୩ ଗୋଟି ବ୍ଲକ ବାଉଁଶୁଣୀ, ମନମୁଣ୍ଡା ଓ ବଘିଆପଡାକୁ କରିବା, ଜିଲାରେ ୧୨୧ ଗ୍ରାମ ପଞ୍ଚାୟତ କରିବା, ବୌଦ୍ଧ ବିଜ୍ଞାପିତ ଅଞ୍ଚଳକୁ ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ, ଜଳସେଚନ ପାଇଁ ସ୍ଥାୟୀ ପ୍ରତିକାର ଲାଗି ଦଳ ପକ୍ଷରୁ ଦାବି କରାଯାଇଛି । ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ସହ ସହଯୋଗ କରିବାକୁ ଜିଲାବାସୀଙ୍କୁ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ର ଅନୁରୋଧ କରିଛନ୍ତି।

## ହରିଶ୍ଚନ୍ଦ୍ର ଯୋଜନା ସହାୟତା ଶୀଘ୍ର ପ୍ରଦାନ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଅମରପାଲି,୫।୯(ଡି.ଏନ.ଏ.)

### ବୀରମହାରାଜପୁରରେ ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଶନିବାର ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ ବିଡିଓ ମୋତିଲାଲ ସୁଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ରାଶନ କାର୍ଡ, ହରିଶ୍ଚନ୍ଦ୍ର ସହାୟତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ବିଶେଷ କରି ରାଶନ କାର୍ଡ ଥିବା ବ୍ୟକ୍ତି ଯେପରି ନିଜ ଇଚ୍ଛା ଅନୁସାରେ ଯେକୌଣସି ପିଡିଏସ ବଣ୍ଟନ କେନ୍ଦ୍ରରେ ନିଜ ନାମ ପଞ୍ଜିକରଣ କରି ଚାଉଳ ନେଇପାରିବେ ସେଥିପାଇଁ ପଞ୍ଚାୟତ ଅଧିକାରୀ ଓ ଯୋଗାଣ ସହାୟକମାନେ ବ୍ୟବସ୍ଥା କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ବୀରମହାରାଜପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘରର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ହୋଇଥିଲା। ବ୍ଲକ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସମୁଦାୟ ୨୩୬୭ ଗୃହ ମଧ୍ୟରୁ ଏବେ ୭୦୮ ଘର ସମ୍ପୂର୍ଣ୍ଣ ହୋଇଛି। ଅସମ୍ପୂର୍ଣ୍ଣ ଘର ନିର୍ମାଣ ଶୀଘ୍ର ଶେଷ କରିବାକୁ ତତ୍ପରତା ପ୍ରକାଶ କରିବାକୁ କୁହାଯାଇଛି। ଏହାସହ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ମୃତ୍ୟୁର ୧୫ ଦିନ ଭିତରେ ଅନଲାଇନ ପଞ୍ଜୀକୃତ କରି ଯଥାଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବୈଠକରେ ବ୍ଲକ ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ, ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ, ବିପିସି ରଚନ କୁମାର ଦାସ, ଏପିଓ ସସ୍ମିତ ମହାକୁଡ଼, ବିପିଏ ନିରଞ୍ଜନ ରଣାଙ୍କ ସମେତ ସମସ୍ତ ପଞ୍ଚାୟତ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଗୁରୁ ଦିବସରେ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍/ଅମ୍ବାଭୋନା,୫।୯

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ କେଦାରନାଥ ଆଦିବାସୀ ହାଇସ୍କୁଲରେ ରବିବାର ଗୁରୁଦିବସ ଅବସରରେ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ୧୯୯୧ରୁ ୧୯୯୫ ବ୍ୟାଚ୍ ଛାତ୍ରୀଛାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ର ଗୁରୁଜୀମାନଙ୍କୁ ଉପଢ଼ୌକନ ଦେଇ ସମ୍ମାନ ଜଣାଇଥିଲେ। ସମ୍ବର୍ଦ୍ଧନା ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ପ୍ରଧାନ ଯୋଗଦେଇ ମୋ ସ୍କୁଲ ଅଭିଯାନର ସଫଳ ରୂପାୟନ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଭାସ କୁମାର ପ୍ରଧାନ, ନେତ୍ରାନନ୍ଦ ପ୍ରଧାନ, ଶଶିଭୂଷଣ ପାଣିଗ୍ରାହୀ, ଗଜେନ୍ଦ୍ର ଦାସ, ଦିନବନ୍ଧୁ ପଣ୍ଡା, ଯୋଗେଶ୍ୱର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୋହିତ ଭୁଏ ସ୍ୱାଗତ ଭାଷଣ ଦେଇଥିଲେ।



ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମରେ ଉପସ୍ଥିତ ଗୁରୁଜୀ ଏବଂ ଅନ୍ୟମାନେ।

## କରୋନା ପାଇଁ ଫିକା ପଡ଼ିବ ଲଙ୍କାପୋଡ଼ି ଉତ୍ସବ

ସୋନପୁର,୫।୯(ନି.ପ୍ର.)

ଭାଦ୍ରବ ମାସ ସପ୍ତପୁରୀ ଅମାବାସ୍ୟାରେ ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ପାଳିତ ହୋଇଥାଏ ଗଣପର୍ବ ଲଙ୍କାପୋଡି। ରାମାୟଣର ହନୁମାନଙ୍କ ଲଙ୍କାପୋଡି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏହି ଉତ୍ସବ ପାଳନ ହୁଏ। ତେବେ କରୋନା କଟକଣା ଯୋଗୁଁ ଏହି ଉତ୍ସବ ଫିକା ପଡିବ ବୋଲି ଅନୁମାନ କରାଯାଉଛି। ସୋମବାର ଅମାବାସ୍ୟା ସନ୍ଧ୍ୟାରେ ଟାଉନ ହଲରେ ହନୁମାନ ପ୍ରତିଯୋଗିତା ଆୟୋଜନ ହେବନାହିଁ ବୋଲି କହିଛନ୍ତି ଉତ୍ସବର ମୁଖ୍ୟ ଆୟୋଜକ ଶ୍ୟାମ ଓଁ ପ୍ରସାଦ ମିଶ୍ର।

ଜିଲାର ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ସପ୍ତପୁରୀ ଅମାବାସ୍ୟା ବା ପୁରା ଉଆଁସ ପାଳିତ ହେଇଥାଏ। ଏଥିପାଇଁ ସୋନପୁର ସହରର ବିଭିନ୍ନ ପଡା, ଛକରେ ଟେରାକୋଟା ହନୁମାନ ଓ କାଠ ନିର୍ମିତ ବିଭିନ୍ନ ପଶୁଙ୍କ କଣ୍ଢେଇ ବିକ୍ରି ପସରା ମେଲିଛି। ସହରର ଘୋଡାଘାଟପଡାର ମହାରଣା ସମ୍ପ୍ରଦାୟର ଲୋକମାନେ କାଠରେ ବିଭିନ୍ନ ପ୍ରକାର ପଶୁଙ୍କ କଣ୍ଢେଇ ନିର୍ମାଣ କରି ରାସ୍ତାପାର୍ଶ୍ୱରେ ବିକ୍ରି କରୁଛନ୍ତି। ରଙ୍ଗବେରଙ୍ଗ ଓ ଭିନ୍ନ ଉଚ୍ଚତାରେ ଏହି କଣ୍ଢେଇଗୁଡିକୁ ଗଢାଯାଇଛି। ଅମାବାସ୍ୟା ଦିନ କୁନି ଝିଅମାନେ କୁଡିକାଟି ଖେଳ ଖେଳନ୍ତି। ମାଟି ତିଆରି କୁଡିକାଟି ଓ ବାଉଁଶ ନିର୍ମିତ ଟୋକେଇ ନେଇ ସାମାଜିକ ଜୀବନର ଭାବର ଆଦାନ ପ୍ରଦାନ କରିଥାନ୍ତି। ସନ୍ଧ୍ୟାରେ ମାଟି ତିଆରି ହନୁମାନ, ହାତୀ ଓ ଷଣ୍ଢ ଆଦିକୁ ଘରେ ପୂଜା କରାଯାଇ ରାସ୍ତାରେ ଛୋଟ ପିଲାମାନେ ଟାଣିଥାନ୍ତି। ବାଳକମାନେ ମାଟିରେ ତିଆରି ଏକ ସ୍ୱତନ୍ତ୍ର ପ୍ରକାରର ଟେରାକୋଟା ହନୁମାନଙ୍କ ଲାଞ୍ଜରେ ନିଆଁ ଲଗାଇ ରାସ୍ତାରେ ଟାଣନ୍ତି। ବିଭିନ୍ନ ସ୍ଥାନରୁ ବାଳକମାନେ ସଜ୍ଜିତ କରି ଆଣିଥିବା ହନୁମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ। ଲଙ୍କାପୋଡିରେ ଟେରାକୋଟା ହନୁମାନର ଏକ ସ୍ୱତନ୍ତ୍ରତା ଥିବାରୁ ସୋନପୁର କୁମ୍ଭାରପଡାର କୁମ୍ଭକାରମାନେ କିଛିମାସ ପୂର୍ବରୁ ହନୁମାନ ତିଆରିରେ ଲାଗି ପଡନ୍ତି। ମାତ୍ର ଚଳିତଥର ଏଭଳି କିଛି ହୋଇନି। କୁମ୍ଭାରପଡାର ବରିଷ୍ଠ ଟେରାକୋଟା ଶିଳ୍ପୀ ଲୋକନାଥ ରଣା କୁହନ୍ତି, ଚଳିତ ବର୍ଷ କରୋନା ପାଇଁ ବିକ୍ରି ହେବ ନ ହେବ ଭାବି କମ ହନୁମାନ ତିଆରି କରିଥିଲୁ। କିନ୍ତୁ ଲୋକଙ୍କ ମଧ୍ୟରେ ଚାହିଦା ରହିଛି। ଅଧିକାଂଶ ହନୁମାନ ରବିବାରଠାରୁ ବିକ୍ରି ସରିଲାଣି।



ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ଟେରାକୋଟା ହନୁମାନ।